

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୪ ଜୁନ୍ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 14 JUNE 2021

Vol.No. 32 ■ No. 151 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଦିଲ୍ଲୀରେ ଆସନ୍ତାକାଲିଠୁ ଖୋଲିବ ସପିଂ ମଲ ଓ ରେଷ୍ଟୁରାଣ୍ଟ

ଏପଟେ ରାଜ୍ୟରେ ସରିଆସୁଛି ଲକଡାଉନ ଅବଧୀ, କେଉଁଠି ହେଇପାରେ ଅନଲକ୍ ଚାଲିଛି ଅଙ୍କକଷା

ଭୁବନେଶ୍ୱର,୧୩/୦୬(ନି.ପ୍ର): ଆସନ୍ତାକାଲଠାରୁ ସର୍ତମୂଳକ ଭାବେ ଦିଲ୍ଲୀରେ ଖୋଲିବ ରେଷ୍ଟୁରାଣ୍ଟ । ବସିବାକୁ ଥିବା କ୍ଷମତାର ୫୦ ପ୍ରତିଶତ ଗ୍ରାହକଙ୍କୁ ନେଇ ରେଷ୍ଟୁରାଂଟ ଖୋଲିବାକୁ ଦିଲ୍ଲୀ ସରକାର ଅନୁମତି ଦେଇଛନ୍ତି । ଦିଲ୍ଲୀର ରେଷ୍ଟୁରାଂଟ ଶିଳ୍ପ ପାଇଁ ଏହା ଏକ ବଡ ଆଶ୍ୱସ୍ତିକର ଖବର ବୋଲି କୁହାଯାଉଛି । କାରଣ ଅନଲାଇନ ଡେଲିଭରୀ ଓ ଟେକଆୱେ ସେବାକୁ ସରକାର ଅନୁମତି ଦେଇଥିଲେ ବି କରୋନା ଭୟରେ ବ୍ୟବସାୟ ଏକ ପ୍ରକାର ଠପ୍ ହୋଇ ଯାଇଛି । ରେଷ୍ଟୁରାଂଟ ଭଳି ଦୀର୍ଘ ଦିନ ହେବ ବନ୍ଦ ରହିଥିବା ସାପ୍ତାହିକ ହାଟକୁ ମଧ୍ୟ କଟକଣାକୁ ମାନି ଖୋଲିବାକୁ ଅନୁମତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ । ଏପଟେ, ଓଡିଶାରେ କରୋନା ସଂକ୍ରମଣ ଲଗାତାର ଭାବେ କମି ଚାଲିଛି । ସଂକ୍ରମଣ ହାର ବି ଖସୁଛି । ଅନ୍ୟପଟେ ଲକଡାଉନ ଅବଧି ଶେଷ ହୋଇ ଆସୁଛି । ସଂକ୍ରମଣ ହାର କମୁଥିବାରୁ ଲକଡାଉନ କଟକଣାକୁ କୋହଳ କରିବାକୁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି । ତେବେ କେଉଁ ଜିଲ୍ଲାରେ ଲକଡାଉନ କଟକଣା କୋହଳ ହେବ ଏହାକୁ ନେଇ ଏବେ ସମସ୍ତଙ୍କ ମନରେ ଏକପ୍ରକାର ଉତ୍କଣ୍ଠା ବଢ଼ିବାରେ ଲାଗିଛି । ଯେଉଁଠି ସଂକ୍ରମଣ ହାର ବା ଟେଷ୍ଟ ପଜିଟିଭିଟି ରେଟ୍ ୫ ପ୍ରତିଶତରୁ କମ୍ ରହିବ ସେଠାରେ ଲକଡାଉନ କଟକଣା ହଠାଇବାକୁ ହୁର ଗାଇଡଲାଇନ ରହିଛି । ଏବଂ ୫ପ୍ରତିଶତରୁ ଅଧିକ ରହିଲେ ସ୍ଥିତି ଦେଖି ନିଷ୍ପତି ନେବାକୁ କୁହାଯାଇଛି । ତେବେ ରାଜ୍ୟର ମାତ୍ର ୧୧ଟି ଜିଲ୍ଲାର ସଂକ୍ରମଣ ହାର ୫ପ୍ରତିଶତରୁ ତଳେ ରହିଛି । ଅର୍ଥାତ ଏହି ୧୧ଟି ଜିଲ୍ଲା ଗ୍ରୀନ ଜୋନରେ ରହିଛି । ସେହିପରି ୬ଟି ଜିଲ୍ଲାର ସଂକ୍ରମଣ ହାର ୮ପ୍ରତିଶତ ତଳେ ରହିଛି । ଏହି ୬ଟି ଜିଲ୍ଲାକୁ ୟେଲୋ ଜୋନରେ ରଖାଯାଇଛି । ଉପକୂଳର ଏକାଧିକ ଜିଲ୍ଲା ସମେତ ୧୩ଟି ଜିଲ୍ଲାରେ ସଂକ୍ରମଣ ହାର ୮ପ୍ରତିଶତ ଉପରେ ରହିଛି ।ଏହି ୧୩ ଜିଲ୍ଲା ରେଡ୍ ଜୋନରେ ରହିଛି । ଲକଡାଉନର ଅବଧି ସରିବାକୁ ଯାଉଥିବା ବେଳେ ସଂକ୍ରମଣର ଏହି ହାର କୌଣସି ନିଷ୍ପତି ନେବା ପୂର୍ବରୁ ଚିନ୍ତା କରିବାକୁ ଏକ ପ୍ରକାର ବାଧ କରିଦେଇଛି ।

ଜୁନ୍ ଶେଷ ସପ୍ତାହ ସୁଦ୍ଧା ପ୍ରକାଶ ପାଇବ ମାଟ୍ରିକ୍ ରେଜଲ୍ଟ

ଭୁବନେଶ୍ୱର,୧୩/୦୬(ନି.ପ୍ର): ଜୁନ୍ ଶେଷ ସପ୍ତାହ ସୁଦ୍ଧା ପ୍ରକାଶ ପାଇବ ମାଟ୍ରିକ୍ ରେଜଲ୍ଟ । ଏନେଇ ସୂଚନା ଦେଲେ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ । ସମୀର ଦାଶ କହିଛନ୍ତି, ମାଟ୍ରିକ ମୂଲ୍ୟାୟନ କାର୍ଯ୍ୟ ସଠିକ୍ ଭାବେ କରାଯାଉଛି । ନିର୍ଦ୍ଧାରିତ ସମୟରେ ରେଜଲ୍ଟ ପ୍ରକାଶ ପାଇଁ ଚେଷ୍ଟା କରାଯାଉଛି । ସେପଟେ ସ୍କୁଲ ଖୋଲାଯିବା ଉଚିତ୍ କି ନାହିଁ ସେ ବାବଦରେ ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି ମନ୍ତ୍ରୀ ସମୀର ଦାଶ । ସେ କହିଛନ୍ତି, ଏବେ ସ୍କୁଲ ଖୋଲିବା ସମ୍ପର୍କରେ କହିବା ସମ୍ଭବ ନୁହେଁ । ବିଶେଷଜ୍ଞ ଓ ମୁଖ୍ୟମନ୍ତ୍ରୀ ସ୍କୁଲ ଖୋଲିବା ନିଷ୍ପତ୍ତି ନେବେ । ଆସନ୍ତା ୧୭ରୁ ୟୁଟ୍ୟୁବରେ ନବମ ଓ ଦଶମ ପିଲାଙ୍କୁ ଶାକ୍ଷାଦାନ ଦିଆଯିବ । ସବୁ ଜିଲ୍ଲାର ଡିଇଓମାନଙ୍କୁ ବିଷୟ ସ୍ଥିର କରିବାକୁ କୁହାଯାଇଛି । ଆସନ୍ତା ୧୮ ତାରିଖରେ ଏନେଇ ୩୦ ଜିଲ୍ଲାର ଡିଇଓଙ୍କ ସହ ବୈଠକ ବସିବ ।

ଗୋଟିଏ ଦିନରେ ୪୪୬୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୩/୦୬ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୪୬୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୮୫୧୭୮୨କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୭୮୯୦୬୬ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୫୯୩୬୧ ରହିଛି। ଆଜି ଚିହ୍ନଟ ହୋଇଥିବା ୪୪୬୯ ଜଣଙ୍କ ମଧ୍ୟରୁ ୨୫୪୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୯୨୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୬୧୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨୨୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୧୮ ଜଣ, ବରଗଡ଼ରୁ ▶▶ପୃଷ୍ଠା ୭

ପୁରା ଓଡିଶାକୁ ଛୁଇଁଲା ମୌସୁମୀ

ପ୍ରବଳ ବର୍ଷା ସମ୍ଭାବନା ପାଇଁ ୨୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୧୩/୦୬ (ନି.ପ୍ର): ସାରା ଓଡିଶାକୁ ଛୁଇଁଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ମୌସୁମୀ କ୍ରମେ ପଶ୍ଚିମ -ଉତରପଶ୍ଚିମ ଦିଗରେ ଗତି କରିବ। ଆସନ୍ତା ୨ରୁ ୩ ଦିନ ମଧ୍ୟରେ ମୌସୁମୀ ବାୟୁ ଝାରଖଣ୍ଡ ଓ ଉତର ଛତିଶଗଡକୁ ଛୁଇଁବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଓଡିଶାର ବିଭିନ୍ନ ଜିଲ୍ଲାରେ ବର୍ଷା ଜାରି ରହିଛି। ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, କେନ୍ଦୁଝର ଓ ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ଢ଼େଙ୍କାନାଳ, ଯାଜପୁର, କଟକ, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଓ ଖୋର୍ଦ୍ଧା ଆଦି ଜିଲ୍ଲାକୁ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକୁ ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୪ ତାରିଖ ସକାଳ ଠାରୁ ୧୫ ତାରିଖ ସକାଳ ମଧ୍ୟରେ ସୁନ୍ଦରଗଡ, ଝାରସୁଗୁଡା, କେନ୍ଦୁଝର, ସମ୍ବଲପୁର, ଦେବଗଡ, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ, କଟକ, ବରଗଡ ଓ ଯାଜପୁର ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅପରପକ୍ଷରେ ପ୍ରବଳ ବର୍ଷା ଯୋଗୁଁ ତଳିଆ ଅଂଚଳରେ ପାଣି ଜମିବା ଓ ପାହାଡିଆ ଅଂଚଳରେ ଭୂସ୍ଖଳନ ହେବାର ସମ୍ଭାବନା ରହିଥିବାରୁ ଜିଲ୍ଲା ପ୍ରଶାସନକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର।

କେବେ ଗିରଫ ହେବ କରୋନା କାଳରେ ନକଲି ଔଷଧ କାରବାର କରିଥିବା ଅଭିଯୁକ୍ତ

୨ ଦିନ ପରେ ବି ପୋଲିସ ହାତ ଖାଲି

ଭୁବନେଶ୍ୱର,୧୩/୦୬(ନି.ପ୍ର): କଟକରେ କିଭଳି ହୋଇଥିଲା ନକଲି ଫାଭିଫିରାଭିର୍ ଔଷଧର କାରବାର ? ବର୍ତମାନର ମହାମାରୀ ସମୟରେ କିଏ କରିଥିଲା ଏଭଳି କାରବାର ? କେବେ ଗିରଫ ହେବେ ଏଭଳି ନକଲି ଔଷଧ କାରବାର କରିଥିବା ଅଭିଯୁକ୍ତ ? କେବେ ଖୋଲିବ ନକଲି ଔଷଧ ଗୁମର ? ଏମିତି ଅନେକ ପ୍ରଶ୍ନ ଏବେ ସାଧାରଣ ଲୋକଙ୍କ ମନରେ ଉଠିଛି । ନକଲି ଔଷଧ ମିଳିବାର ୨ ଦିନ ପରେ କାହିଁକି ପୁଲିସ ଓ ଡ୍ରଗସ ସ୍କାର୍ଡର ହାତ ଖାଲି ରହିଛି । ମହାରାଷ୍ଟ୍ର ଫୁଡ୍ ଆଣ୍ଡ ଡ୍ରଗ୍ସ ଆଡମିନିଷ୍ଟ୍ରେସନରୁ ନକଲି ଔଷଧ ଯୋଗାଣ ନେଇ ସୁଚନା ମିଳିବା ପରେ ପଦକ୍ଷେପ ନେଇଥିଲା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ । ସୂଚନା ଅନୁସାରେ, ହିମାଚଳ ପ୍ରଦେଶର ସୋଲାନରେ ଥିବା ମ୍ୟାକ୍ସ ରିଲିଫ୍ ହେଲଥ କେୟାର ଫାଭିମାକ୍ସ – ୪୦୦ ନାମରେ ନକଲି ଫାଭିପିରାଭିର୍ ଟାବଲେଟ ତିଆରି କରିଥିଲା । କଟକର କନିକା ଛକରେ ଥିବା ମେଡିଲଏଡ୍ ମେଡିକାମେଂଟ ପ୍ରାଇଭେଟ ଲିମିଟେଡ୍ ୫୮ ହଜାର ଟାବଲେଟ କିଣିଥିଲା ମ୍ୟାକ୍ସ ରିଲିଫ୍ ହେଲଥ କେୟାରର ଉତରପ୍ରଦେଶ ଶାଖାରୁ । ଏହି ସୁଚନା ଆଧାରରେ ଡ୍ରଗ୍ସ ଇନ୍ସପେକ୍ଟର କନିକା ଛକରେ ନକଲି ଔଷଧ କିଣିଥିବା ସଂସ୍ଥା ଉପରେ ଚଢାଉ କରିଥିଲା । ଏହି ସମୟରେ ଜଣାପଡିଥିଲା, କିଣାଯାଇଥିବା ୫୮ହଜାର ଟାବଲେଟ ମଧ୍ୟରୁ ୪୦ହଜାର ୬୦୦ ଟାବଲେଟ ▶▶ପୃଷ୍ଠା ୭

ଦିଲ୍ଲୀରେ ପିଏସଏ ଅକ୍ସିଜେନ୍, ସିଲିଣ୍ଡର ଫିଲିଂ ପ୍ଲାଂଟ୍ ଉଦଘାଟିତ

ନୂଆଦିଲ୍ଲୀ/ଭୁବନେଶ୍ୱର,୧୩/୦୬ (ନି.ପ୍ର): ପିଏମ୍ କେୟାର୍ସ ପାଣ୍ଠିରୁ ଦେଶର ସବୁ ସରକାରୀ ଜିଲ୍ଲା ମୁଖ୍ୟ ହସ୍ପିଟାଲରେ ପିଏସଏ ଅକ୍ସିଜେନ୍ ପ୍ଲାଂଟ୍ ପ୍ରତିଷ୍ଠା ଆଗାମୀ ଦିନରେ କରୋନାର ସମ୍ଭାବ୍ୟ ଲହର ପାଇଁ ଆମର ପ୍ରସ୍ତୁତିକୁ ବ୍ୟାପକ କରିବ ବୋଲି ରବିବାର ଦିଲ୍ଲୀର ମହାରାଜା ଅଗ୍ରସେନ ହସ୍ପିଟାଲ ଠାରେ ପିଏସଏ ଅକ୍ସିଜେନ୍ ପ୍ଲାଂଟ୍ ଏବଂ ସିଲିଣ୍ଡର ଫିଲିଂ ପ୍ଲାଂଟ୍‌ର ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କୋଭିଡର ଦ୍ୱିତୀୟ ଲହର ସମୟରେ ମେଡ଼ିକାଲ ଅକ୍ସିଜେନର ଚାହିଦା ବହୁଗୁଣା ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ମେଡ଼ିକାଲ ଅକ୍ସିଜେନର ଉତ୍ପାଦନକୁ ସରକାରଙ୍କ ସମ୍ପୂର୍ଣ୍ଣ ତତ୍ତ୍ୱାବଧାନରେ ବଢ଼ାଇଛନ୍ତି। ପିଏମ କେୟାର୍ସ ପାଣ୍ଠିରୁ ଦେଶର ସମସ୍ତ ଜିଲ୍ଲା ସରକାରୀ ମୁଖ୍ୟ ଚିକିତ୍ସାଳୟରେ ୧୫୦୦ରୁ ଅଧିକ ପିଏସଏ ଅକ୍ସିଜେନ୍ ପ୍ଲାଂଟ୍ ପ୍ରତିଷ୍ଠା କରାଯାଉଛି। ▶▶ପୃଷ୍ଠା ୭

କୋଭିଡ୍ ଟିକା ନେଲେ ସଂକ୍ରମଣରୁ ୮୦% ସୁରକ୍ଷିତ

ଭୁବନେଶ୍ୱର,୧୩/୦୬ (ନି.ପ୍ର): କୋଭିଡ ଟିକାର ଦୁଇଟି ଡୋଜ ନେଲେ କୋଭିଡ ସଂକ୍ରମଣରୁ ୮୦ ପ୍ରତିଶତ ସୁରକ୍ଷିତ ରହିବେ। ସେହିପରି ଯଦି ସଂକ୍ରମଣ ହୁଏ, ତେବେ ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗ ସୁରକ୍ଷିତ ରହିବ। ଏହାସହ ବିଶେଷ ଗୁରୁତର ହେବେନି । ତେଣୁ ସମସ୍ତେ ଟିକା ନେବା ଉଚିତ ବୋଲି ପରାମର୍ଶ ଦେଇଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ ନିରୋଜ ମିଶ୍ର । ସେ କହିଛନ୍ତି ଯେ ସାଧାରଣତଃ ଟିକା ନେଲେ ସାମାନ୍ୟ ଜ୍ୱର ହୋଇଥାଏ । ▶▶ପୃଷ୍ଠା ୭

ପୁଣି ବିଶ୍ୱକୁ ଡରାଇଲାଣି କରୋନା ଭୂତାଣୁର ଡେଲଟା ଭାରିଏଣ୍ଟ

ନୂଆଦିଲ୍ଲୀ,୧୩/୦୬ : କରୋନା ଭୂତାଣୁର ସବୁଠାରୁ ଭୟାନକ ରୂପ ଡେଲଟା ଭାରିଏଣ୍ଟକୁ ନେଇ ଏବେ ସାରା ବିଶ୍ୱର ଚିନ୍ତା ବଢିଛି । ଏନେଇ କିଛି ଦେଶ ପୁଣିଥରେ କରୋନା କଟକଣା ଓ ଲକଡାଉନ୍ ଲଗାଇଛନ୍ତି । ଜିମ୍ବାୱେ ସରକାର ଜୁନ ୧୨ ତାରିଖରେ କରୋନାର ଡେଲଟା ଭାରିଏଣ୍ଟ ବାବାଦରେ ଯାଂଚ କରିବା ପରେ ୨ ଟି ଜିଲ୍ଲାରେ କଟକଣା ଜାରି କରିଛନ୍ତି । ଦେଶରେ ଏହି ଭାରିଏଣ୍ଟର ୪୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା କଥା କୁହାଯାଇଛି । ସେହିଭଳି ବ୍ରିଟେନ ସରକାର ଦେଶରେ ବଢୁଥିବା କରୋନା ଭୂତାଣୁର ଡେଲଟା ଭାରିଏଣ୍ଟକୁ ନଜର କରି ଦେଶରେ ଆଉ ୪ ସପ୍ତାହ ପର୍ଯ୍ୟନ୍ତ ଲକଡାଉନ ଜାରି ରଖିବା ଉପରେ ବିଚାର କରୁଛନ୍ତି । ଦେଶରେ ଏବେ ଡେଲଟା ଭାରିଏଣ୍ଟ ସଂକ୍ରମିତ ୪୨ ହଜାରରୁ ଅଧିକ ସଂକ୍ରମିତ ଚିହ୍ନଟ ହୋଇଥିବା କୁହାଯାଇଛି । ଭାରତରୁ ବ୍ୟାପିଥିବା ଡେଲଟା ଭାରିଏଣ୍ଟକୁ ପ୍ରଥମେ ଫ୍ରାନ୍ସ ଚିହ୍ନଟ କରିଥିଲା । ଏପ୍ରିଲ ୨୯ ତାରିଖରେ ଫ୍ରାନ୍ସରେ ପ୍ରଥମେ ଜଣେ କରୋନା ସଂକ୍ରମିତଙ୍କ ଶରୀରରେ ଡେଲଟା ଭାରିଏଣ୍ଟ ଚିହ୍ନଟ ହୋଇଥିଲା । ଏହାପରେ ଫ୍ରାନ୍ସ ସରକାର ଏନେଇ ପୁରା ସଚେତନ ହେବା ସହ ଦେଶରେ କଟକଣାକୁ କଡା କଡି କରିଛି । ଶ୍ରୀଲଙ୍କାରେ ମେ ୮ ତାରିଖ ଦିନ କରୋନା ▶▶ପୃଷ୍ଠା ୭



ବନସ୍ତେ ଡାକିଲା ଗଜ ..

ବରଷକେ ଥରେ ଆସିଛି ରଜ

ରଶ୍ମି ସାମଲ

ସାମାଜିକ ଜୀବନକୁ ସରସ ସୁନ୍ଦର କରିବା ପାଇଁ ସାଧାରଣତଃ ପର୍ବ ଗୁଡିକର ସୃଷ୍ଟି ହୋଇଅଛି । ଜୀବନ ସହ ଆମ ପର୍ବ ପର୍ବାଣୀର ଘନିଷ୍ଠ ସମ୍ପର୍କ । ଆମ ଉତ୍କଳରେ ଗୋଟିଏ କଥା ଅଛି, ବାର ମାସରେ ତେର ପର୍ବ, ପ୍ରକୃତରେ ଏହା ହିଁ ସତ୍ୟ । କେତେକ ପର୍ବ କୃଷି ଭିତ୍ତିକ ସମ୍ପର୍କୀୟ ତ ଓ ଆଉ କେତେକ ଆଧ୍ୟାତ୍ମିଭୀତିକ ହୋଇଥାଏ ।କର୍ମ କ୍ଲାନ୍ତ ଜୀବନକୁ ସରସ ସୁନ୍ଦର ଓ ମଧୁମୟ କରିବା ପାଇଁ ସମାଜରେ ପର୍ବ ପର୍ବାଣୀର ସୃଷ୍ଟି ହୋଇଛି । ପର୍ବପବାଣୀର ପୃଷ୍ଠ ଭୂମି ହେଉଛି ଏହି ଆମ ଓଡିଶା । ମଣିଷ ମାନଙ୍କ ଜୀବନ ଶୈଳୀକୁ ଏହା ସରସ ଓ ସୁନ୍ଦର କରିଥାନ୍ତି । ରଜ ପର୍ବ ହିନ୍ଦୁମାନଙ୍କର ଏକ ବିଶିଷ୍ଟ ପର୍ବ । ଏହି ଗଣ ପର୍ବକୁ ଆମର ପ୍ରତ୍ୟକ ଓଡ଼ିଆ ମାନେ ମହା ଆନନ୍ଦରେ ପାଳନ କରିଥାନ୍ତି କଥାରେ କହନ୍ତି ରଜଠାରୁ ମଉଜ ଆଉ ନାହିଁ । ବାସ୍ତବିକ କଥାଟି ସତ୍ୟ । ଉତ୍କଳୀୟ ଝିଅ ଓ ନାରୀ ମାନଙ୍କରଏହା ଏକ ବିଶିଷ୍ଟ ପର୍ବ । ଏହି ରଜ ପର୍ବ ତିନିଦିନ ଧରି ପାଳିତ ହୋଇଥାଏ । ଏଥିରେ ବିଶେଷତଃ ଝିଅ ମାନଙ୍କର ବିଶେସତ୍ୱ ବେଶି ରହିଥାଏ । ଏହା ତିନି ଦିନ ଧରି ପାଳନ କରାଯାଏ । ମଝି ରଜରେ ସଂକ୍ରାନ୍ତି ପଡେ ଯାହାକୁ ମିଥୁନ ସଂକ୍ରାନ୍ତି କୁହାଯାଏ । ରଜ ପର୍ବ ଅନ୍ୟ ପର୍ବ ଠାରୁ ଟିକେ ନିଆରା । ଏଥିରେ ଝିଅ ମାନଙ୍କର ପାଦ ଭୂମିରେ ଲାଗି ନଥାଏ । ରଜଦିନ ଝିଅମାନେ ସକାଳୁ ଉଠି ଗାଧୋଇ ପାଧୋଇ ମୁଣ୍ଡରେ କୁଂକୁମ ଆଖିରେ କଜଳ ପାଦରେ ଅଳତା ଲଗାଇ ଆଉ ମୁଣ୍ଡର ଚୁଟିକୁ କୁଣ୍ଡାଇ ଚୁଡା କରିଥାନ୍ତି ଓ ନୂଆ ଡ୍ରେସ ପିନ୍ଧି ମିଳିମିଶି ଗାଁ ବୁଲି ବାହାରନ୍ତି । ବୋହୁ ମାନେ ନୂଆ ବସ୍ତ୍ର ଚୁଡି ଶଙ୍ଖା ପରିଧାନ କରିଥାନ୍ତି । ଓଡ଼ିଶାର ସହର ଠାରୁ ପଲ୍ଲୀ ଯାଏ ଏହା ପାଳିତ ହୁଏ । ପିଠା ମିଠା ପାନ ଖାଇ ବହୁତ ମଉଜ ମଜଲିସ ରେ ଏହି ତିନି ଦିନକୁ କାଟିଥାନ୍ତି । ରଜ ପୂର୍ବ ଦିନକୁ ଯାହାକି ସଜବାଜ କୁହାଯାଏ । ଏହି ଦିନ ରଜ ପାଇଁ ସବୁ ପ୍ରସ୍ତୁତି କରା ଯାଇଥାଏ । ପୁର ପଲ୍ଲୀରେ ପୋଡ଼ପିଠାର ବିଶେଷତ୍ୱ ରହିଛି । ଏହା ବ୍ୟତୀତ ଏଣ୍ଡୁରି କାକରା ମଣ୍ଡା ପ୍ରଭୃତି ପିଠା ପଣା ମଧ୍ୟ କରାଯଇଥାଏ । ଦିନ ସରିବା ପୂର୍ବରୁ ପିଠା ପଣା ଖାଇ ଦିଅନ୍ତି । ରଜ ପର୍ବରେ ପିଠା ପଣା ସବୁ ବେଶ ରୁଚି ପୂର୍ଣ ହୋଇଥାଏ ଜଗନ୍ନାଥ ମନ୍ଦିରରେ ମଧ୍ୟ ଏହି ପୋଡ ପିଠା ହେବାର ପରମ୍ପରା ରହିଅଛି । ଏହି ମାସରେ ପାଚିଲା ଆମ୍ବ ଓ ପଣଷର ସବୁଆଡେ ପ୍ରଚୁର ମିଳିଥାଏ । ପିଲା ମାନେ ମନ ଆନନ୍ଦରେ ଏହାକୁ ଖାଇ ରଜ ମଉଜ କରିଥାନ୍ତି । ଉତ୍କଳୀୟ ନାରୀ ମାନେ ରଜରେ ଭୂମିକୁ ସ୍ପର୍ଶ କରି ନଥାନ୍ତି ଆଗ କାଳରେ ଗୁଆ ଖୋଳକୁ ଗୋଡ଼ରେ ପିନ୍ଧୁଥିଲେ । ଆଜିକାଲି କିନ୍ତୁ ଅନେକ ଶିକ୍ଷିତା ଝିଅ ବୋହୁ ମାନେ ପାଦରେ ଜୋତା ବ୍ୟବହାର କଲେଣି । ଏହି ପର୍ବ ଆବାଳ ବୃଦ୍ଧ ବନିତା ଯାଏ ସମସ୍ତଙ୍କ ଓଠରେ

ହସ ଭରି ଦେଇ ଥାଏ ।ଏହି ସମୟରେ ଗାଁ ଗହଳିରେ ଲୋକ ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ କରି ସମୟ କଟାଇଥାନ୍ତି । କେଉଁଠି କେଉଁଠି ବିଭିନ୍ନ ପ୍ରକାର ଖେଳ କସରତ ଇତ୍ୟାଦି ହୋଇଥାଏ । ରଜ ପର୍ବର ଦୋଳି ଖେଳକୁ ଝିଅ ମାନେ ବିଶେଷ କରି ଅପେକ୍ଷା କରିଥାନ୍ତି । ରଜଦୋଳି ବଡ ବଡ ଗଛ ଡାଳ ମାନଙ୍କରେ ବାଉଁଶ କିମ୍ବା ରଶିରେ ଲଗାଇ ଥାଆନ୍ତି । ବହୁତ ଖୁସିରେ ଗୀତ ମାନ ଗାଇଥାନ୍ତି ।

ବନସ୍ତେ ଡାକିଲା ଗଜ
ବରଷକେ ଥରେ ଆସିଛି ରଜ
ଆସିଛି ରଜ ଲୋ
ଗେନି ନୂଆ ସଜବାଜ
ରଜ ଦୋଳି କଟକଟ
ମୋ ଭାଇ ମଥାରେ
ସୁନା ମୁକୁଟ
ସୁନା ମୁକୁଟ ଲୋ
ଦିଶୁଥାଏ ଝଟମଟ,

ଏହି ପରି ମନ ଆନନ୍ଦରେ ଗୀତ

ଗାଇ ଗାଇ ଝୁଲି ଖେଳି ଥାନ୍ତି ।

ରଜ ସଂକ୍ରାନ୍ତି ପର ଦିନକୁ ଭୂମି ଦାହ କୁହାଯାଏ । ସେ ଦିନ ଭୂମି କର୍ଷଣ କରାଯାଏ ନାହିଁଏହି ଦିନ ଗଛରୁ ପତ୍ର ମଧ୍ୟ ଛିଡା ଯାଏ ନାହିଁ । କିମ୍ବା ଗଛରୁ ଡାଳ ଭଙ୍ଗା ଯାଏ ନାହିଁ।ଚତୁର୍ଥ ଦିନ ବସୁମତୀ ସାଂନ ହୋଇଥାଏ । ସ୍ଥାନ ବିଶେଷରେ ଏହାକୁ ଠାକୁରାଣୀ ବୁଡ ମଧ୍ୟ କୁହାଯାଇଥାଏ । ଏହି ବସୁମାତା ସ୍ନାନ ଦିନ ସକାଳୁ ସ୍ତ୍ରୀ ଲୋକ ମାନେ ଅଗଣାରେ ଶୀଳ ରଖି ହଳଦୀ ମାଖୀ ଗାଧୋଇଦେଇ ଫୁଲ ଚନ୍ଦନ ସିନ୍ଦୁର ଦେଇ ପୂଜା କରିଥାନ୍ତି । ଗ୍ରୀଷ୍ମର ପ୍ରବଳତା ପରେ ରଜଠୁ ବର୍ଷାର ଆଗମାନ ହୁଏ । ମୌସୁମୀ ବାୟୁ ଅଧିକା କ୍ରିୟାଶୀଳ ହୋଇ ମୃତ୍ତିକା ସହ ତାର ମହାମିଳନ ଘଟିଥାଏ । ଆଷାଢ଼ରେ ବର୍ଷାକୁ ସ୍ୱାଗତ କରାଯାଏ । ଏହାର ଅନ୍ତରାଳରେ ଧରିତ୍ରୀ ମାଙ୍କୁ ପୂଜାଅର୍ଚନା କରାଯାଏ । ଓଡ଼ିଶାର ପୁର ପଲ୍ଲୀରେ ଏକ ଲୋକେକ୍ତି ପ୍ରଚଳିତ ଅଛି ଜ୍ୟେଷ୍ଠଏ କଦଳୀ

ଆଶାଢ଼େ କିଆ ପୋତ ନପୋତ ହୁଅଇ ଠିଆ । ଏହା ଅତି ସାଧାରଣ ମନେ ହେଲେ ମଧ୍ୟ ଏହାର ଅର୍ଥ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ । ଅତଏବ କୃଷିକାରୀ ମାନଙ୍କ ନିମିତ୍ତ ଏହି ମାସଟି ଅତ୍ୟନ୍ତ ମହତ୍ୱ ପୂର୍ଣ । ଯେତେବେଳେ ସୂର୍ଯ୍ୟଙ୍କର ତେଜ ଅପାତତଃ ଜ୍ୟେଷ୍ଠମାସରେ ଚରମ ବିନ୍ଦୁରେ ପଂହଚେ ସେତେବେଳେ ଆରମ୍ଭ ହୁଏ ଇନ୍ଦ୍ରଙ୍କର ପୃଥିବୀ ଆଗମନ ଯାତ୍ରା । ତେଣୁ ବସୁମତୀ ସାଂନ ପରେ ବର୍ଷାର ଆରମ୍ଭ କୃଷିକାର୍ଯ୍ୟ କରିବାର ସୁ ସମୟ ଆସି ପଂହଁଚି ଯାଏ । ଅର୍ଥାତ ସବୁ ମଞ୍ଜି ବୁଣା ବୁଣି କାର୍ଯ୍ୟ କୃଷକ ଆରମ୍ଭ କରିଥାନ୍ତି । ବୀଜ ବିପନ ନିମିତ୍ତ ଏହା ଉପଯୁକ୍ତ ସମୟ । କାରଣ ଭୂମି ଭିତରର ଉଷ୍ମତା ଓ ବାହାରର ଆଦ୍ରତା ବୀଜକୁ ଅଙ୍କୁରିତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଅତଏବ କୃଷିକାରୀ ମାନଙ୍କ ନିମିତ୍ତ ଏହି ମାସଟି ଅତ୍ୟନ୍ତ ମହତ୍ୱ ପୂର୍ଣ । ତେଣୁ ଏହାକୁ କୃଷିଭିତିକ ପର୍ବ ମଧ୍ୟ କୁହା ଯାଇ ଥାଏ ।

ଜାତି ଧର୍ମ ବର୍ଣ ନିର୍ବିଶେଷରେ ସମସ୍ତେ ଏହି ପର୍ବ ପାଳନ କରନ୍ତି । ପ୍ରତେକ ପର୍ବ ପର୍ବାଣୀ ପାଳନର ଏକ ବରିଷ୍ଠ ସାମାଜିକ ପ୍ରଭାବ ରହିଛି । ଏହା ଦ୍ୱାରା ପରସ୍ପର ମଧ୍ୟରେ ଏକତା ବନ୍ଧୁତା ଓ ସହଯୋଗର ଉନ୍ନତି ହୋଇଥାଏ । ରଜ ପର୍ବ ଏକ ସାମାଜିକ ସୁସ୍ଥ ବାତାବରଣ ର ପର୍ବ ହୋଇଥିବାରୁ ସମସ୍ତେ ଏହି ପର୍ବକୁ ମନଭରି ଉପଭୋଗ କରନ୍ତି । ଓ ଜାକଜମକରେ ପାଳନ କରିଥାନ୍ତି । ଏହି ପର୍ବ କୃଷକ ମାନଙ୍କୁ କର୍ତବ୍ୟର ପ୍ରେରଣା ଦେଇଥାଏ । ତେଣୁ ଯଥେଷ୍ଟ ଭାବରେ ଆମ ସାମାଜିକ ଜୀବନକୁ ସରସ ସୁନ୍ଦର ମଧୁମୟ କରିବା ପାଇଁ ରଜ ପର୍ବର ଗୁରୁତ୍ୱ ରହିଛି । ଓଡ଼ିଶାର ପ୍ରତ୍ୟକ ଲୋକ ଏହାକୁ ପୂର୍ଣ ପ୍ରାଣରେ ପାଳନ କରିଥାନ୍ତି ।

+ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫

ଆସ ପାଳିବା ରଜ....

କୁନା ସେଠୀ

ସାବଧାନ ହୋଇ
ଶୁଣ ସୁଜ୍ଞ ଜନେ
ରଜକୁ ହୋଇବା ସଜ
ଆଗଭଳି କିନ୍ତୁ
ଏକାଠି ନ ହୋଇ
ଘରେ ଯେ ପାଳିବା ରଜ ।

ଦିନ କାଳ ଆଜି
ଭଲ ନାହିଁ ପରା
ଜୀବନ ମରଣ ଖେଳ
କୋରନା ଆସିଛି
ଜୀବନ ନାଶୁଛି
ସରି ଯାଉଅଛି ବେଳ ।

ତଥାପି ବଞ୍ଚିବ ପରମ୍ପରା ଆମ
ନ ହୋଇ ତାହା ଯେ ଶେଷ
ଶୁଖିଲା ମୁହଁରେ ଜଳ
ଟୋପେ ଦେଇ
ଫୁଟାଇବା ତହିଁ ହସ ।

ଦୋଳିର ମଉଜ ନ
ପାଇଲେ ନାହିଁ
ନିଜ ଘରେ ବସି ବସି
ପାଳିବା ରଜକୁ ନିରାଡମ୍ବରରେ
ଭରି ଦେଇ ମନେ ଖୁସି ।

ସାଙ୍ଗ ସାଥି ଯେତେ
ନିଜ ଘରେ ରହି
ପାଳିଲେ ପରବ ଭଲ
ମହାମାରୀ ବେଳେ
ସାଙ୍ଗସାଥୀ ମେଳେ
ନ ହୋଇବା କେବେ ଗେଲ ।

ନିଜ ଜୀବନକୁ ସାଇତି ରଖିବା
ଅନ୍ୟ ଜୀବନକୁ ମଧ୍ୟ
ସୁରକ୍ଷିତ ହେଲେ ଜୀବନ ଆମର
ପାଳିବା ରଜକୁ ବାଧ୍ୟ ।

ପିଠାପଣା ଯେତେ
ଘରେ ଆମ କରି
ଖାଇବା ସଭିଏଁ ମିଶି
ପରମ୍ପରା ରଖି ଚାଲିବା
ଆମେ ଯେ
ଜୀବନରେ ହସି ହସି ।

ଆସୁଛି ଆସିବ ଏଇ ରଜ ପର୍ବ
ପ୍ରତିବର୍ଷ ଏଇ ପରି
ପାଳିବା ପାଇଁ ତ ସମୟ ବି ଅଛି
ଜୀବନକୁ ଥାଅ ଧରି ।

+ଭୂତସରସିଙ୍ଗି,ଗଞ୍ଜାମ

ରଜରେ ମଉଜ...

ସମ୍ମିତ ଦାଶ

ଓଡିଶା ମାଟିରେ ଅଛି ବାର ମାସେ
ତେର ପରବ ପୁନେଇଁ,
ରଜ ପର୍ବ ପାଇଁ ଏଇ ଭୂଇଁ ହସେ
ଆନନ୍ଦର ସୀମା ନାହିଁ ।

ପରବ ଭିତରେ ଶ୍ରେଷ୍ଠ ପରବ
ରଜ ପରବ ଯା ନାଆଁ,
ଭୁଲି ହୁଏ ନାହିଁ ଏଇ ଜୀବନରେ
ତାହାର ଆଦର ମାୟା ।

ତିନି ଦିନ ପାଇଁ ଆସିଥାଅ ତୁମେ
ପରମ୍ପରା ଆନୁସରି
ଛୁଆଠାରୁ ବୁଢ଼ା
ତୁମ ପଥ ଚାହିଁଥାନ୍ତି
ଫୁଲ ତୋଡା ହାତେ ଧରି ।

ରଜ ତିନି ଦିନ ହେବ ସଜବାଜ
କରିବ ମଜା ମଉଜ,
ଏହି ତିନି ଦିନ ରାଗ ରଷ ନାହିଁ
ନାହିଁ ହିଂସା ପ୍ରଭାବ ।

ସାଥୀ ମେଳେ ସର୍ବେ
ଖେଳନ୍ତି ଦୋଳି
ନକରି ରଜରେ କଳି,
ଭାଇଚାରା ବନ୍ଧନେ ବନ୍ଧିଛି ସଭିଙ୍କୁ
ପରମ୍ପରା କଥା ଭଳି ।

ପୋଡ଼ପିଠା ତାର ଅତି
ସୁମଧୁର ନିଏ
ସେ ମନକୁ ତୋଷି,
ନଥାଏ ସେଦିନ ପରକି ଆପଣା
ସବୁରି ମନରେ ଖୁସି ।

ଓଡ଼ିଆ ଜାତିର ଗର୍ବ ଏଇ ପର୍ବ
ଫୁଟାଏ ଅଧରେ ହସ,
ପବିତ୍ର ଏ ଦିନ ପବିତ୍ର ଏ ଋତୁ
ପବିତ୍ର ଏ ଜ୍ୟେଷ୍ଠମାସ ।

+ପଲ୍ଲୀକଣ୍ଠା, ଏରସମା,
ଜଗତସିଂହପୁର

ରଜ...

କଣ୍ଠୁରୀ ଚରଣ ରାଉତ

ଉତ୍କଳ ପଲ୍ଲୀର, କୃଷି, କୃଷକର
ପ୍ରତୀକ ରଜ ପରବ
କୁମାରୀ କଣ୍ଠର ଦୋଳି ଗୀତ ସୁର
ସଭ୍ୟତାର କଳ ରବ ।

ଜ୍ୟେଷ୍ଠ ମାସ ,ବୃଷ ଅନ୍ତିମ ଦିବସ
ପାଳିତ ପହିଲି ରଜ
ମିଥୁନ ସଂକ୍ରାନ୍ତି ରଜ ସଙ୍କରାନ୍ତି
ଲାଗିଥାଏ ସଜବାଜ ।

ଖିଲିଖିଲି ହସ ନୂଆ ବେଶ ବାସ
କେତେ ରକମର ଦୋଳି
ରଜ ପାନ ଖାଇ ବୁଲି ସାଇ ସାଇ
ଦିନ କଟେ ହସି ଖେଳି ।

ରଜ ତିନି ଦିନ ଚିତ୍ତ ବିନୋଦନ
କୃଷକ ବିଶ୍ରାମ ବେଳ
ଯୁବକ ବାପୁଡା ଧରି ତାସ ପୁଡା
କରୁଥାଏ ବସି ଖେଳ ।

ଭେଦଭାବ ଭୁଲି ହୋଇ
ଏକ ମେଳି
କରୁଥାନ୍ତି ବସି ମଜା
ନୀରବ ନିଥର ପଲ୍ଲୀ କୋଳାହଳ
ପୋଡ ପିଠା ସଙ୍ଗେ ଭୁଜା ।

ମାତା ବସୁମତୀ ହୋଇ ଋତୁମତୀ
ହୁଏ ଉତ୍ପାଦନକ୍ଷମ
ହୋଇ ରଜୋମୟୀ
ପୂଣ୍ୟ ବିଭାମୟୀ
ଦିଏ କାମଧେନୁ ସମ ।

ରଜ ପରଦିନ ବସୁମତୀ ସ୍ନାନ
ଉତ୍ସବ ଉଦ୍ଯାପନ
କୃଷକର ଆଶା ଭରଷା ବରଷା
ଚାଷ ତା' ଜୀବନ ଧନ ।

ରଜ ପରେ ପରେ
ଲାଗେ ତା' କାମରେ
କୃଷକ, ଶ୍ରମିକ ଭାଇ
ଆନନ୍ଦ ଉଲ୍ଲାସ ଭୁଲି କରେ ଚାଷ
ଖାଦ୍ୟ ଯୋଗାଇବା ପାଇଁ ।

ମକୁନ୍ଦପୁର,ବାଙ୍କୀ,କଟକ
ମୋ.୮୯୧୭୩୯୭୩୪୮

ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ

ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ,
ଯାଜପୁର
ମୋ: ୯୯୩୮୯୦୬୦୭୦

ରଜ ଓଡ଼ିଶାର ଏକ ପାରମ୍ପାରିକ । ଏହି ରଜକୁ ଓଡିଶାର ଘରେ ଘରେ ପବିତ୍ର ଗଣପର୍ବ ଭାବେ ମନାଯାଏ । ଏହି ରଜ ଗାଆଁ ଓ ସହର ଉଭୟ ସ୍ଥାନରେ ଖୁବ୍ ଧୁମ୍ ଧାମ୍ ରେ ପାଳନ କରାଯାଏ, ବିଶେଷ କରି ଗାଆଁ ରେ ଏହି ପର୍ବର ଆତ୍ମୀୟତା ଅଧିକ ଦେଖାଯାଏ । ଏହି ରଜ ପର୍ବ ତିନିଦିନ ଧରି ପାଳନ କରାଯାଇଥାଏ । ରଜ ସଂକ୍ରାନ୍ତିର ପୂର୍ବଦିନ ପହିଲି ରଜ, ଦ୍ୱିତୀୟ ଦିବସ ହେଉଛି ରଜ ସଂକ୍ରାନ୍ତି, ତୃତୀୟ ଦିବସ ହେଉଛି ଭୂମିଦାହ ବା ଭୂମି ଦହନ, ଚତୁର୍ଥ ତଥା ଅନ୍ତିମ ଦିବସ ହେଉଛି ବସୁମତୀ ସ୍ନାନ । କିନ୍ତୁ ପହିଲି ରଜ ପୂର୍ବ ଦିନକୁ ବି ଲୋକମାନେ ରଜ ପର୍ବ ପାଳନ କରିବା ପାଇଁ ସବୁ ପ୍ରକାରର ବ୍ୟବସ୍ଥା କରିଥାନ୍ତି ଆଉ ଏହି ଦିନ କୁ ସଜବାଜ କୁହଯାଏ । ମୋଟ ଉପରେ କହିବାକୁ ଗଲେ ରଜକୁ ପାଞ୍ଚଦିନ ପାଳନ କରାଯାଏ । ଏହି ରଜ ପର୍ବ କୁ କୃଷି ଭିତ୍ତିକ ପର୍ବ ବି କୁହଯାଏ ତଥା ଏହା ଚାଷର ଆରମ୍ଭକୁ ସୂଚାଇଥାଏ । ରଜ ଶବ୍ଦର ଆକ୍ଷରିକ ଅର୍ଥ ରଜବତୀ ହେବା, ଯାହା ପୃଥିବୀକୁ ମାତା ଭାବରେ ବିବେଚନା କରି ବର୍ଷାର ଆଗମନରେ ସେ ରଜସ୍ୱଳା ହେବାର ଓ ନୂଆ ଶସ୍ୟ ଜନ୍ମ ହେବାର ସାଙ୍କେତିକ ଭାବ ବହନ କରିଥାଏ । ଏହି ଦିନରେ ଚାଷୀମାନେ ବସୁମତୀ ତଥା ହଳଲଙ୍ଗଳ ପୂଜନ କରିବା ସହ ଚାଷ କାମରୁ ତିନି ଦିନ ପାଇଁ ବିରତି ନେଇଥାନ୍ତି । ରଜରେ ପୋଡ଼ ପିଠା ଓ ପାନ ଖିଆ ସହିତ ଝିଅମାନଙ୍କ ରଜ ଦୋଳି ଓ ପୁଟି ଖେଳ ସହ ପୁଅମାନଙ୍କ ଲୁଡ୍ଡୁ, ତାସ, ବାଗୁଡ଼ି ଆଦି ଖେଳି ଏହି ଦିବସଟି ପାଳନ କରାଯାଏ । ଏହି ପର୍ବ ପାଳନ ବେଳରେ ଘରର ଘରଣୀମାନେ ସାଧାରଣ କାମରୁ ଛୁଟି ନେଇ ନାନାଦି ଖେଳରେ ମାତନ୍ତି । କୁଆଁରୀ ଝିଅମାନେ ଶାଢ଼ୀ ଆଦି ପିନ୍ଧି ରଜ ଦୋଳି ଖେଳ, ପୁଟି ଖେଳ ଆଦିରେ ସମୟ ଅତିବାହିତ କରିଥାନ୍ତି । ଦୋଳିରେ କୁଆଁରୀ ଝିଅ ମାନେ ଖେଳିଲା ବେଳେ ପୂର୍ବ ପ୍ରଚଳିତ ରଜ ଗୀତ ଗାଇ ଥାନ୍ତି ଯାହା ଆଜି ମଧ୍ୟ ଗାଆଁ ରେ ଝିଅ ମାନେ ଏହି ସୁନ୍ଦର ପାରମ୍ପରିକ ଗୀତ ଗାଇ ଥାଆନ୍ତି କ୍ଷ ଗୀତ ର ଆରମ୍ଭ ଏହି ପରି -

" ବନସ୍ତେ ଡାକିଲା ଗଜ,
ବରଷକେ ଥରେ ଆସିଛି ରଜ,
ଆସିଛି ରଜ ଲୋ...
ଘେନି ନୂଆ ସଜବାଜ
ରଜ ଦୋଳି କଟ କଟ,
ମୋ ଭାଇ ମଥାରେ
ସୁନା ମୁକୁଟ

ସୁନା ମୁକୁଟ ଲୋ...
ଦିଶୁଥାଏ ଝଟମଟ"

ଏ ଗୀତ ବହୁତ ପଂକ୍ତିରେ ବିଭକ୍ତ ଅର୍ଥାତ ବହୁତ ବଡ଼ ଗୀତ । ପୂର୍ବରୁ ଏ ଗୀତ ସବୁ ମନେ ରଖି ଝିଅ ବହୁ ମାନେ ଉଚ୍ଚ ସ୍ୱରରେ ଗାଉଥିଲେ ଏବେ ଯାହା ଖୁବ୍ କମି ଯାଇଛି । ଅବଶ୍ୟ କିଛି ସ୍ଥାନରେ ଶୁଣିବାକୁ ମିଳୁଛି କିନ୍ତୁ ଏବେକାର ଝିଅ ବହୁ ମାନେ ଏ ଗୀତର ସଂପୂର୍ଣ୍ଣତାକୁ ମନେ ରଖି ପାରି ନାହାନ୍ତି । ଏହି ଦିନ ଧରିତ୍ରୀ ମାଆକୁ ସମ୍ମାନ ଦେଇ କେହି ଭୂଇଁ ଉପରେ ଖାଲି ପାଦରେ ଚାଲିନଥାନ୍ତି । ତାଳ ଓ ଗୁଆ ଖୋଳପାରେ ତିଆରି କଠଉରେ ଭୂଇଁ ଉପରେ ଚାଲନ୍ତି ବା ଅଧିକ ସମୟ ଦୋଳି ଖେଳି ସମୟ କଟାଇ ନିଅନ୍ତି । ଏହି ଦିନ ପୋଡ଼ ପିଠା, ଚକୁଳି ପିଠା ଆଦି ବିବିନ୍ନ ପିଠା ପଣା କରି ଆନନ୍ଦରେ ଖାଇ ଥାଆନ୍ତି । ବସୁମତୀ ସ୍ନାନ ହେଉଛି ରଜ ପର୍ବର ଅନ୍ତିମ ଦିବସ । ଏହା ବସୁଧାମାତାଙ୍କ ଶୁଦ୍ଧ ସ୍ନାନ । ଏହା ଧରାସ୍ନାନ, ମହାଲକ୍ଷ୍ମୀ ସ୍ନାନ, ମହାଲକ୍ଷ୍ମୀ ଗାଧୁଆ ଓ ଶୁଦ୍ଧ ସ୍ନାନ ରୂପେ ପ୍ରଖ୍ୟାତ । ବଡ଼ି ସକାଳୁ ଶିଳପୁଆରେ ହଳଦୀ କନା ଗୁଡ଼ାଇ ସିନ୍ଦୂର, କଜଳ ଦେଇ ଧରଣୀ ମାତାଙ୍କ ସ୍ୱରୂକୁ ସଜାଇ କାଠ ପିଢ଼ା ଉପରେ ସ୍ଥାପନା କରି କଳସ ଆମ୍ବଡ଼ାଳ ରଖି କ୍ଷୀର ଦେଇ ସ୍ନାନ କରାଯାଏ । ମାସିକ ଧର୍ମର ବିଧି ଅନୁଯାୟୀ ଧରଣୀ ମାତା ତିନିଦିନ ବିଶ୍ରାମ ପରେ ସ୍ନାନ କରି ଶୁଦ୍ଧ ପବିତ୍ର ହୋଇଥା'ନ୍ତି । ମାର୍ଗଶୀର ଶେଷ ଗୁରୁବାରଦିନ ବନ୍ଦ ହୋଇଥିବା ମହାଲକ୍ଷ୍ମୀ ପେଢ଼ି ଏହି ଦିନ ଖୋଲାଯାଇଥାଏ । ରଜସ୍ୱଳାନାରୀ ସଦୃଶ ତିନିଦିନ ଅସ୍ପୃଶ୍ୟ ହୋଇ ରହିବାପରେ ଚତୁର୍ଥ ଦିନ ପ୍ରାତଃ କାଳରେ ଏହି ଶୁଦ୍ଧ ସ୍ନାନ ପର୍ବ । ଏହି ଦିନ ରଜପର୍ବର ଆନନ୍ଦ ଉଲ୍ଲାସ ମଉଳି ଯାଇ ଆଧ୍ୟାତ୍ମିକତା ସ୍ଥାନ ନେଇଥାଏ । ଏହି ବସୁମତୀ ସ୍ନାନ ଦିବସରେ ଧରଣୀ ମାତା ପ୍ରତି ଭକ୍ତିଭାବ ଜାଗ୍ରତ ହୋଇଥାଏ । ବସୁମାତା ରଜସ୍ୱଳା ହୋଇ ଶୁଦ୍ଧସ୍ନାନ ପରେ ସୃଜନ କ୍ଷମତାଶୀଳା ଅର୍ଥାତ ଶସ୍ୟ ବୀଜ ଧାରଣ କାରିଣୀ ହୋଇ ପାରିଥାନ୍ତି ।

ବନସ୍ତେ ଡାକୁନି ଗଜ

ସୌଭାଗ୍ୟ ରଞ୍ଜନ ମହାନ୍ତି

କରୋନା ସବୁ କିଛି ବିଗାଡି ଦେଇଛି । ରଜ ଫିକା ଫିକା ଲାଗୁଛି । ଆଗ ଭଳି ମନରେ ସରସତା ନାହିଁ । ପଞ୍ଚା ପଞ୍ଚା ହୋଇ ଘରକୁ ଘର ବୁଲି ଖୁସି ବାଂଟିବା, ପୋଡ ପିଡା ଖାଇବା, ଦୋଳି ଖେଳିବା, କବାଡି ଖେଳିବାର ସମୟ, ଖୁସି ସବୁ ଛଡାଇ ନେଇଛି କରୋନା । ବନସ୍ତେ ଆଉ ଡାକୁନାହିଁ ଗଜ । କରୋନା ଯୋଗୁଁ ପ୍ରବାସୀଙ୍କ ଘର ବାହୁଡା ହୋଇଛି କିନ୍ତୁ ଆମେ ଭୁଲିଯିବା ଉଚିତ ନୁହଁ ଏବେ ଆମେ ଗମ୍ଭୀର ସମସ୍ୟା ଦେଇ ଗତି କରୁଛେ । ଗାଁ ଦାଣ୍ଡରେ ଯୁବକମାନଙ୍କର ବାଗୁଡି, ତାସ, ପଶା ଏହି ପର୍ବକୁ ଆମୋଦିତ କରିଥାଏ । ଗ୍ରାମ୍ୟ କୁମାରୀମାନେ ରଙ୍ଗବେରଙ୍ଗର ନୂତନ ପୋଷାକ ଓ ପ୍ରସାଧାନ ସାମଗ୍ରୀରେ ସଜ୍ଜିତ ହୋଇ ପରିବେଶକୁ ଅଧିକ ଆକର୍ଷିତ କରିଥାନ୍ତି । ଉତ୍କଳୀୟ ପଲ୍ଲୀ ଜୀବନରେ ରଜପର୍ବ ପାଳନର ପରମ୍ପରା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ କିନ୍ତୁ କରୋନା ସଚେତନତା ଦୃଷ୍ଟିରୁ ଆମକୁ ସତର୍କତା ଅବଲମ୍ବନ କରିବାକୁ ପଡିବ । ସବୁ କିଛି ପାଳନ କରିବା କିନ୍ତୁ କରୋନା କଟକଣା ମଧ୍ୟରେ । ପୃଥିବୀ, ବସୁଧା ମାତାର ଉକ୍ତ ଅବସ୍ଥାକୁ ନାରୀର ରଜସ୍ୱଳା ସମୟ ସହିତ ତୁଳନା କରାଯାଇପାରେ । ଯେହେତୁ ପୃଥିବୀ ବସୁନ୍ଧରା ମାତାକୁ ଛୁଇଁବା ମନା ଏଣୁ କୃଷକ ଭାଇମାନେ କୃଷି କର୍ମରୁ ଅବ୍ୟାହତ ନେଇ ବିଶ୍ରାମ ନେଇଥାନ୍ତି । କୁମାରୀମାନେ ପୃଥିବୀ, ଧରିତ୍ରୀ ମାତାକୁ ଆଘାତ ନଦେବା ପାଇଁ ଖାଲି ପାଦରେ ଚଲାବୁଲି କରନ୍ତି ନାହିଁ । ଏପରି ସ୍ଥଳେ କଦଳୀ ବାହୁଙ୍ଗା ପାଦରେ ବାନ୍ଧି ଚଳପ୍ରଚଳ କରିଥାନ୍ତି । ମିଥୁନ ସଂକ୍ରାନ୍ତିରେ ରଜ ସଂକ୍ରାନ୍ତି ପଡିଥାଏ । ଏହା

ବରଷକେ ଥରେ ଆସିଛି ରଜ ..

ଓଡ଼ିଶାର ସ୍ୱତନ୍ତ୍ର ପର୍ବ ରଜ

ଅନୀତା ପାଣି
ସାଉଥ୍ ବଲଣ୍ଡା, ତାଳଚେର,
ମୋ: ୮୩୨୭୭୦୫୯୭୦

ଆଦ୍ୟ ମୌସୁମୀର ପହିଲି ପରଷ। ଆକାଶରେ କଳାଘୁମର ବାଦଲର ରୋଷଣୀ। ଶବାରୀ ଆସୁଛି ବର୍ଷାରାଣୀର ବୋଲି ଗୁଳୁଗୁଳି ଗରମକୁ ଛୁଇଁ ଦେଲାଣି ହାବୁକାଏ ଶୀତଳ ପବନ। ତପ୍ତ ପ୍ରକୃତିର ଶୁଖିଲା ଓଠରେ ହସର ଫୁହାରା । ବର୍ଷାର ପ୍ରଥମ ପବିତ୍ର ବୁନ୍ଦାକୁ ଚାହିଁ ରହିଛି ଚାତକ ତୃଷିତ ନୟନରେ। ଘନ ଅରଣ୍ୟରେ ମୟୂର ମେଲିଦେଲାଣି ମନୋହାରୀ ପୁଚ୍ଛ ମେଘ ମହ୍ଲାର ତାଳରେ ନାଚିବ ବର୍ଷା ସାଙ୍ଗରେ। ପ୍ରଥମ ଅସରାଏ ବର୍ଷାରେ ଅର୍ଦ୍ଧସିକ୍ତ ଧରା, ଭିଜାଭିଜା ମାଟିର ବାସ୍ନାରେ ଶିହରିତ ତନୁମନ।

ଆଜି ପୃଥିବୀ ଓ ଆକାଶ ପୁଲକିତ , ମଳନର ଲଗ୍ନରେ ମେଘୁଆ ମେଘୁଆ ଆକାଶରୁ ପୃଥିବୀ ଲାଗେ ମଧୁମୟ। ବୁନ୍ଦା ବୁନ୍ଦା ଜଳରେ ଧରିତ୍ରୀ କିଶୋରୀ ପରୀଟିଏ। ଶସ୍ୟ ସଂଭବା ପୃଥିବୀ ଏ ଭବ୍ୟ ବେଳାରେ ହୁଏ ରଜବତୀ। ଅଳ୍ପ ବିଶ୍ରାମ ନେବା ପାଇଁ କୃଷି ପ୍ରଧାନ ଓଡିଶା ପାଳନ କରେ ରଜପର୍ବ।

ଧରିତ୍ରୀ ମାତାର କଷଣରେ କୃଷି କୌଶଳର ସମସ୍ତ ବିଧିବିଧାନ ବାରଣ ହୋଇପଡେ। ହଳ ଲଙ୍ଗଳ ଧରି ଆଉ ଚଷା ପୁଅ ବାହାରେନା ଖେତକୁ।ରଜ ଚାରିଦିନ ବିଶ୍ରାମ ନେଇ ଆଗକୁ ଶସ୍ୟ ଶ୍ୟାମଳା ପୃଥିବୀର ସ୍ୱପ୍ନରେ ବିଭୋର ହୋଇପଡେ।ପୁରପଲ୍ଲୀରୁ ସହର ଯାଏ ସବୁଠି ଦେଖାଯାଏ ରଜପର୍ବର ଆନନ୍ଦ ଉଲ୍ଲାସ ଆସର।

କୁମାରୀ ଝିଅ ମାନଙ୍କ ପାଇଁ ରଜପର୍ବ ଏକ ଖୁସିର ମାହୋଲ। ପାଦରେ ଅଳତା ଦେହରେ ହଳଦି ମାଖି ହୋଇ ସଜେଇ ହୁଅନ୍ତି ପାହାନ୍ତି ପ୍ରହରରୁ। ହାତରେ ମେହେନ୍ଦି କପାଳରେ ଟିପି

ଟିପି ଚନ୍ଦନରେ ମଣ୍ଡିତ ହୋଇ ନୂଆ ପୋଷାକ ପିନ୍ଧି ବାହାରିପଡନ୍ତି ବୁଲିବାକୁ। ପାଉଁଜୀ ପିନ୍ଧା ପାଦରେ ଛମ୍ ଛମ୍ ଚାଲି ସତେ ଯେମିତି ପରୀମାନେ ଓହ୍ଲାଇ ଆସିଲେ କି ମର୍ତ୍ତ୍ୟ ଭ୍ରମଣରେ। ଦୋଳି ଖେଳ ନାହିଁ ଯଦି କି ରଜପର୍ବ,ସବୁ ଫିକା ଫିକା ଲାଗେ। ବିଭିନ୍ନ କିସମର ଦୋଳି ପୁରପଲ୍ଲୀରେ ଦେଖିବାକୁ ମିଳେ। ଦଉଡି ଦୋଳି,ପଟା ଦୋଳି,ବାଉଁଶ ଦୋଳି,ଓ ଆମ୍ବ ଗଛ କଇଁଆ ଗଛ ବରଗଛରେ ଦୋଳି ମାନ ବନ୍ଦା ହେବାର ଦେଖାଯାଏ। ଆମ୍ବତୋଟା ମାଳରୁ କୁମାରୀ ଝିଅ ମାନଙ୍କ ଦୋଳିଗୀତ ଭାଷିଆସେ ପବନରେ।

ବନସ୍ତେ ଡାକିଲା ଗଜ,
ବରଷକେ ଥରେ ଆସିଛି ରଜ
ଆସିଛି ରଜ ଲୋ ହେବା ଆମେ ସଜବାଜ।
କିଏ ପୁଣି ନିଜ ଭାଇମାନଙ୍କୁ
ଦେଖେଇ ଗୀତ ଗାଏ
ଦୋଳିକଲା କଟମଟ
ମୋ ଭାଇ ମୁଣ୍ଡରେ ସୁନା ମୁକୁଟ
ସୁନା ମୁକୁଟ ଲୋ , ଦିଶୁଥାଏ ଝଟ ଝଟ।
କିଏ ପୁଣି ଭାଉଜ ସହିତ ଗେଲ ହୁଏ
ନଦୀକୁ ଫିଙ୍ଗିଲି ଗିଲ
ନଇ ଚାରିପାଖେ ମନ୍ଦର ଫୁଲ
ମନ୍ଦାର ଫୁଲଲୋ ,
ଭାଉଜ ପାଟିରେ ପାନରଖିଲ।
ନଇ ତଳେ ଗଲା ଜହ୍ନି
ଏଇ ବାଟେ ଗଲା ମୋହରି ନାନୀ ଲୋ
ଉଡିଗଲା ରଙ୍ଗ କାନୀ।

ଘର ପିଠାପଣାରେ ମହ ମହ ମହକି ଯାଏ। ମାମୁଘରୁ ଆମ୍ବ, ପଣସ, ନଡିଆ, ପୋଡପିଠା, ଆରିଷା, କାକରା, ସାଙ୍ଗକୁ ଆସିଥାଏ ମୁଠିଭଜା, ବୁଟ ଭଜା, ନୂଆ ଶାଢୀ। ରଜପାନର ମଧ୍ୟ ଖୁବ୍ ଚାହିଦା ଥାଏ । ପୁରୁଷ ପିଲାମାନେ କବାଡି , ଖୋ ଖୋ, କୁସ୍ତି ଖେଳର ପ୍ରତିଯୋଗିତାରେ ମନ ଦିଅନ୍ତି। ତାସ ପଶା ପାଲି ଖେଳ ମଧ୍ୟ ଖୁବ୍ ଜମିଯାଏ।

ଚାରିଦିନ ରଜରେ ଭିନ୍ନ ଭିନ୍ନ ନିତି ନିୟମ ପାଳନ କରାଯାଏ। ପହିଲି ରଜ,ରଜ ସଂକ୍ରାନ୍ତି, ଭୂଦହନ ଓ ବସୁମତୀ ସ୍ନାନ।ଭୂଦହନ ରେ କୁମାରୀ ମାନେ ଭୂମିରେ ଚାଲିବା ମନା ଥାଏ। ବସୁମତୀ ସ୍ନାନ ଦିନ ମହାଲକ୍ଷ୍ମୀଙ୍କ ବିଶେଷ ପୂଜା ହୋଇ ଥାଏ। ଶୀଳ ଶୀଳପୁଆ ଧୋଇ ହଳଦୀ ଚନ୍ଦନ ସିନ୍ଦୂର ଫୁଲ ପଞ୍ଚ ଉପଚାର ପୂଜା କରାଯାଏ। କ୍ଷୀରୀ ପିଠା ଭୋଗ ଲାଗି କରି ମହାଲକ୍ଷ୍ମୀଙ୍କୁ ପ୍ରାର୍ଥନା କରନ୍ତି। ଆଗାମୀ ଚାଷବାସ କେମି ଭଲରେ ହେବ,ଶସ୍ୟ ଶ୍ୟାମଳା କ୍ଷେତରେ ମହାଲକ୍ଷ୍ମୀଙ୍କ ଶୁଭ ଦୃଷ୍ଟି ପଡୁ ମନାସ କରି ଧରିତ୍ରୀ ମାତାଙ୍କୁ ଭକ୍ତିଭାବ ମୁଣ୍ଡିଆ ମାରନ୍ତି।

ଏଇଠୁ ଆରମ୍ଭ ହୁଏ ଧାନଚାଷର ଲମ୍ବା ପଦ୍ଧତି। କର୍ମକୁଶଳୀ ଚାଷୀଭାଇ ଖରା ବର୍ଷା ଶୀତ କାକରକୁ ପିଠିରେ ପକେଇ ମାଟିବାସ୍ନାରେ ନିଜକୁ ହଜେଇ ଦିଏ। ଏଇ ମାଟି ତାର ଚନ୍ଦନ,ଏଇ କ୍ଷେତ ତାର ପୂଣ୍ୟ କ୍ଷେତ୍ର। ସବୁଜିମା ଭରା କ୍ଷେତକୁ ଦେଖି ଆଖିରେ ଲୁହ ଜକେଇ ଆସେ। ସୁନାଝରା ଧାନ କେଣ୍ଡାର ସ୍ୱପ୍ନ ତାକୁ ମସଗୁଲ କରେ, ହାଡଭଙ୍ଗା କଷ୍ଟ ଅନୁଭବକୁ ଫୁ କରିଦିଏ ତା ପୂର୍ଣ୍ଣଖଳା ଦେଖି। ଏସବୁର ଆରମ୍ଭ ଏ ରଜବତୀ ଧରିତ୍ରୀ ମାତାର ଗର୍ଭବତୀ ହେବା ସୁବର୍ଣ୍ଣ ମାହେନ୍ଦ୍ର ବେଳାରୁ। ଯାହାର ନାଆଁ ଓଡିଶାର ଗଣପର୍ବ ରଜପର୍ବ। ସବୁ ପର୍ବପର୍ବାଣୀ ମଧ୍ୟରୁ ଏହାର ମହତ୍ତ୍ୱ ସ୍ୱତନ୍ତ୍ର।

ରଜପର୍ବ ....

ଆଦ୍ୟାଶା ମହାପାତ୍ର

ବରଷକେ ଆସେ ରଜ ପରବ
ଆମ ପରମ୍ପରା ଆମ ଗରବ
ପ୍ରତି ପରିବାରେ ଭରଇ ଖୁସି
ପାଳନ୍ତି ରଜକୁ ସଭିଏଁ ମିଶି ।

ତିନି ଦିନ ପାଇଁ ଆସଇ ରଜ
ଖିଆପିଆ ସାଥେ ହୁଏ ମଉଜ
ଆମ୍ବ ତୋଟାମାଳେ ଝୁଲଇ ଦୋଳି
ଗାଆଁ ଝିଅ ଯେତେ ହୁଅନ୍ତି ମେଳି ।

ନଈକୂଳେ ଜମେ ବାଗୁଡି ଖେଳ
ତା ସହିତ ବାଜା ଢୋଲର ତାଳ
ମେଳା ପଡିଆରେ ଲାଗେ ଗହଳି
ଦୋକାନ ବଜାର ଭଳିକି ଭଳି ।

ମାଆ ଗଢିଥାନ୍ତି ମଣ୍ଡା କାକରା
ପୋଡପିଠା ସ୍ୱାଦ ସତେ ନିଆରା
ପାଚି ମହକଇ ଆମ୍ବ ପଣସ
ସବୁରି ମୁହଁରେ ଥାଏ ହରଷ ।

ଭାରି ସୁଆଦିଆ ରଜର ପାନ
ଜେଜେ ମା' ଭାଙ୍ଗନ୍ତି କରି ଯତନ
ତିନି ଦିନ ପରେ ବସୁଧା ସ୍ନାନ
ସରିଯାଏ ରଜ ବୁଝେନା ମନ ।

ରଜ ପରା ଆଣେ ମୌସୁମୀ ବର୍ଷା
କ୍ଷେତ କାମ କରେ ଖୁସିରେ ଚଷା
ଖରା ଦହଗଞ୍ଜ ନଥାଏ ପରା
ସବୁଜ ସୁନ୍ଦର ଦିଶଇ ଧରା ।

+ଶୈଳବାଳା ମହାବିଦ୍ୟାଳୟ,କଟକ

ରଜ....

ଡଃ ମାଙ୍ଗଳିକା ମହାପାତ୍ର

ଓଡ଼ିଆ ଘରର ବଡ ପରବ
ଯାହା ପାଇଁ ଆମ ମନେ ଗରବ
ନାମଟି ତାହାର ରଜ ପରବ
ଆଷାଢ଼ ମାସରେ ତା ଆବିର୍ଭାବ

ଏହି ପରବଟି କୃଷି ଭିତ୍ତିକ
ଆନନ୍ଦ ଉଲ୍ଲାସେ ପାଳେ କୃଷକ
ମୌସୁମୀର ଯେବେ ହୁଏ ଆଭାସ
ଚାଷୀ ଖୁସି ହୁଏ କରିବ ଚାଷ ।

ଗାଁ ପରିବେଶ ହସି ଉଠଇ
ବନ୍ଧୁ ବାନ୍ଧବ ସବୁ ଏକାଠି ହୋଇ
ଲୁଡୋ, ତାସରେ ଦିନ ବିତଇ
କବାଡି ଖେଳରେ ଦାଣ୍ଡ ହସଇ

କୁଆଁରୀ ମନେ ଖୁସି ପ୍ରବଳ
ରଜ ଅଗମନେ ମନ ଚଞ୍ଚଳ
ସାଙ୍ଗ ସାଥି ହୁଅନ୍ତି ମେଳ
ଖେଳନ୍ତି କଉଡ଼ି, ପୁଚି ଖେଳ ।

ଗାଁ ଆମ୍ବ ତୋଟା ଲାଗେ ସୁନ୍ଦର
କୁଆଁରୀ ମାନଙ୍କ ଭିଡ ଜବର
ପଟା ଦୋଳି ଶୁଭେ କେଁ କଟର
ଭାସି ଆସେ ସେଠୁ ଗୀତର ସ୍ୱର

ରକମ ରକମ ପିଠା କରନ୍ତି
ଆନନ୍ଦେ ବସି ଘରେ ଖାଆନ୍ତି
ରଜ ପୋଡ଼ ପିଠା ପର୍ବର ବିଧି
ସେ ପିଠାପଣା ଅଟେ ବଡ଼ ସୁଆଦି

କୁଆଁରୀ ମାନଙ୍କ ମନ ଉଛନ୍ନ
ରଜ ସଜବାଜ ତାଙ୍କ ସପନ
ପାଟିକୁ ରଙ୍ଗାନ୍ତି ଖାଇ ପାନ
ଖୁସିରେ ଝୁମେ ତାଙ୍କର ମନ ।

+ରେଭେନସା ବିଶ୍ୱବିଦ୍ୟାଳୟ
ମୋ: ୯୪୩୭୮୬୧୯୯୯

ଆମ ପରମ୍ପରାରେ ରଜ ପର୍ବ

ଜୟଶ୍ରୀ ପଟ୍ଟନାୟକ
ଗଙ୍ଗନଗର, ଭୁବନେଶ୍ୱର,
ମୋ: ୭୯୭୮୧୧୦୪୭୪

ଉତ୍କଳୀୟ ସଂସ୍କୃତି ହେଉଛି ଏକ ବହୁବର୍ଣ୍ଣୀ ସଂସ୍କୃତି ତାହା ଆମ ପ୍ରଥା ପରମ୍ପରାକୁ ଦେଖିଲେ ମନେହୁଏ । ଉତ୍କଳର ପର୍ବପର୍ବାଣି ନିଜସ୍ୱ ମହିମାରେ ମହିମାନ୍ୱିତ। ଋତୁ ଅନୁସାରେ ଆମେ ଅନେକ ପର୍ବ ପାଳିଥାଉ । ସେମିତି ବର୍ଷାଋତୁର ଆଦ୍ୟରେ ପାଳିତ ହୋଇଥାଏ ରଜ। ଆଷାଢ଼ର ପ୍ରଥମ ପର୍ବ ହେଲା ରଜ । ଏହା ଓଡ଼ିଆର ଜାତୀୟ ପର୍ବ। ମାଟି ମା' ର ପର୍ବ। କୃଷିର ପର୍ବ। ଚିତ ବିନୋଦକ ପର୍ବ। ରଜ ମଉଜର ପର୍ବ। ମାଟି ମେଘର ମିଳନ ପର୍ବ। ସୃଷ୍ଟି- ସୃଜନର ପର୍ବ। ଭୂମି ରଜସ୍ୱଳା ପର୍ବ ମଧ୍ୟ । ବୃଷମାସର ବା ଜ୍ୟେଷ୍ଠ ମାସର ଶେଷଦିନ ଓ ଆଷାଢ଼ ମାସର ବା ମିଥୁନ ମାସର ସଂକ୍ରାନ୍ତି ଓ ତହିଁ ପରଦିନ ଏହି ତିନିଦିନକୁ ରଜ ବୋଲାଯାଏ। ସଙ୍କ୍ରାନ୍ତି ପୂର୍ବଦିନକୁ ପହିଲି ରଜ ଓ ପରଦିନଟିକୁ ଭୂଇଁ ଦହନ କୁହାଯାଏ। ରଜ ଅର୍ଥାତ ରଜସ୍ୱଳା। ଏହି ତିନିଦିନ ପୃଥିବୀ ରଜସ୍ୱଳା ହେବାର ଶାସ୍ତ୍ର କଳ୍ପିତ। ତେଣୁ ଏହି ସମୟରେ ପୃଥିବୀ ମାତାକୁ ବିଶ୍ରାମ ଦେବା ନିମନ୍ତେ ସମସ୍ତ ପ୍ରକାର ବିଧାନ ପାଳନ କରାଯାଏ । ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ । କୃଷିକୁ ଜୀବିକା କରି ଚଳୁଥିବା ଅଧିକାଂଶ ଜନସାଧାରଣ କୃଷିକୁ ଅଧିକ ଗୁରୁତ୍ୱ ଦେଇ କୃଷିଭିତିକ ପର୍ବପର୍ବାଣି ପାଳନ କରିଥାନ୍ତି। ରଜ ପର୍ବରେ ମାଟି, ପାଣି, ପବନର ମହତ୍ତ୍ୱକୁ ଉପଲବ୍ଧି କରାଯାଏ। ମାଟି ଆମର ମାଆ ଆମର ଧାତ୍ରୀ। ମାଟିର ଶରୀର ବି ନାରୀ ପରି । ସେ ରଜସ୍ୱଳା ହୁଏ। ସୃଷ୍ଟିର ସମ୍ଭାବନା ପାଇଁ ନିଜକୁ ପ୍ରସ୍ତୁତ କରେ । ସେଥିପାଇଁ ଏହି ପର୍ବର ନାମ ରଜ । ଯେଉଁଭଳି ନାରୀଟିଏ ରଜସ୍ୱଳା ହେଲେ ତାକୁ ତିନିଦିନ ଧରି କେହି ଛୁଅଁନ୍ତି ନାହିଁ ସେ କୌଣସି ପୂଜା ବା ପର୍ବ ବା ଖାଦ୍ୟ ବସ୍ତୁକୁ ଛୁଏଁନାହିଁ ପୁରୁଷକୁ ଦର୍ଶନ ବା ସ୍ପର୍ଶ କରିବାରେ ବାରଣ କରାଯାଏ । ତାର ଶରୀରକୁ ବିଶ୍ରାମ ଦରକାର । ଆବଶ୍ୟକ ପୁଷ୍ଟି ଦରକାର ପଡ଼େ । ବାହ୍ୟ ସଂକ୍ରମଣରୁ ରକ୍ଷା ପାଇବାପାଇଁ ତାକୁ ବିଶ୍ରାମ ଦିଆଯାଏ। ସୂର୍ଯ୍ୟ ମୃଗଶିରା ନକ୍ଷତ୍ରରେ ଅବସ୍ଥାନ କଲେ ପୃଥିବୀ ରଜସ୍ୱଳା ହୁଏ । ରଜସ୍ୱଳା ମାଟି ନାରୀପରି ତିନିଦିନ ବିଶ୍ରାମ ନିଏ। ଏହି ତିନିଦିନ ଚାଷକାମ , ଭୂମି କର୍ଷଣ, ଖନନ କାର୍ଯ୍ୟ ବନ୍ଦ ରୁହେ । ରଜବତୀଟିଏ ଚତୁର୍ଥଦିନ ଶୁଦ୍ଧ ସ୍ନାନ କରି ସୂଚୀମନ୍ତ ହେଲାପରେ କାମରେ ଲାଗେ। ସେହିପରି ଧରିତ୍ରୀ ମା ପହିଲି ଆଷାଢ଼ର ବର୍ଷାସ୍ପର୍ଶରେ ଋତୁମତୀ ହୁଏ। ମନ ପୁଲକିତ ହୁଏ , ହୃଦୟରେ ନୂତନ ଉନ୍ମାଦନା ଜାଗ୍ରତ ହୁଏ । ମେଘ ଖୁସିରେ ବିଜୁଳି, ରୋଷଣୀ ଘଡ଼ଘଡ଼ି ଓ ପବନର ପଟୁଆରରେ ମୌସୁମୀକୁ ନେଇ ମାଟିକୁ ଭିଜାଏ, ଉଲ୍ଲସିତ କରେ ମାଟି ମନକୁ। ଚାଷକାମ ପାଇଁ ମାଟିକୁ ପ୍ରସ୍ତୁତ କରାଏ । ତେଣୁ ମାଟିକୁ ବିଶ୍ରାମ ଦିଆଯାଏ । ହଳ ଲଙ୍ଗଳ, କର୍ଷଣ ସବୁ ନିଷେଧ କରାଯାଏ। ଏପରିକି ମାଟିକୁ କଷ୍ଟ ହେବ ବୋଲି ମାଟି ଉପରେ ଜୋର୍ ସେ ଚାଲିବା ମନା। ବିହନ ବୁଣିବା, ଗଛ ଲଗାଇବା ଚାଷ କରିବା ସବୁ ବନ୍ଦ । ଝିଅଟିଏ ଯେପରି ପ୍ରଥମ ଋତୁଚକ୍ର ଆରମ୍ଭ ହେଲେ ତାର ଗର୍ଭାଶୟରେ ଡିମ୍ବାଣୁ ତିଆରି ହୁଏ ସୃଷ୍ଟିପାଇଁ ଶରୀର ସମର୍ଥ ହୁଏ ସେହିପରି ମାଟି ତଥା ଭୂମିକୁ ଉର୍ବରତା ବଢ଼ିବା ନିମନ୍ତେ ସମୟ ଦିଆଯାଏ। ଆଷାଢ଼ରେ ମାଟିସହ ମେଘର ମିଳନ ଘଟିଥାଏ । ପୃଥିବୀ ରଜସ୍ୱଳା ହୁଏ । ତେଣୁ ମାଟିକୁ ବିଶ୍ରାମ ଦିଆଯାଏ। ମାଟି ତାପରେ ଉତ୍ପାଦନକ୍ଷମ ହୁଏ। ଜମିକୁ ଶସ୍ୟ ଉପୁଜେଇବା ପାଇଁ କର୍ଷଣ କରାଯାଏ। କୃଷିକର୍ମ ଆରମ୍ଭ ହୁଏ। ଏହି ତିନିଦିନ ଗାଁ ଗଣ୍ଡା, ପୁରପଲ୍ଲୀ ଉତ୍ସବ ମୁଖର ହୋଇଉଠେ । ରଜ ପୂର୍ବଦିନ ଘର ଦ୍ୱାର ଲିପାପୋଛା କରି ବିରି ବଟା, ମସଲା କୁଟା, ମସଲା ବଟା, ଢିଙ୍କିରେ ଚୂନା କୁଟିବା.ମସଲା ଗୁଣ୍ଡକରି ରଖିବା ଇତ୍ୟାଦି କାମ ସରିଥାଏ। ବାରି ଅଗଣା ଲିପା ପୋଛା କରି ଚିତା ଦିଆଯାଏ । କଟା ବଟା ଆଦି କାମ ସରିଥାଏ। କାରଣ ଏହି ତିନିଦିନ କଟା ବଟା ମାଟି ଖନନ, କ୍ଷୌରହେବା, ଲୁଗାସଫା ସବୁ କାମ ବନ୍ଦ ରୁହେ। ପହିଲି ରଜ ଦିନ ରାତି ନ ପାହୁଣୁ ଷଠୀ ଠାକୁରାଣୀଙ୍କ ପ୍ରତୀକ ଶିଳ ଶିଳପୁଆ ଧୋଇ, ଲକ୍ଷ୍ମୀ ଠାକୁରାଣୀଙ୍କ ପ୍ରତୀକ ଭାବରେ ଗୁଆକୁ ହଳଦୀ ପାଣିରେ ଧୋଇ ପିଢ଼ା ଉପରେ ରଖାଯାଏ। କୃଷି ଉପକରଣ ଥୁଆ ହୁଏ । ଫୁଲ, ଧୂପ, ଦୀପ, ବରକୋଳି ପତ୍ର , ଦୂବ ଦେଇ, ହୁଳହୁଳି ପକାଇ ବନ୍ଦେଇ ତିନିଦିନ ଠାକୁରାଣୀଙ୍କର ସଜ ବସେ । ସେହିଦିନ ଠାରୁ ଠାକୁରାଣୀଙ୍କର ତିନିଦିନ ଯାଏଁ ସ୍ନାନ ବନ୍ଦ ରୁହେ । ତେଣୁ ଘରେ ଦେବପୂଜା ମଧ୍ୟ ନାରୀମାନେ କରନ୍ତିନାହିଁ। ରଜ ସଂକ୍ରାନ୍ତିର ପୂର୍ବଦିନ ଅର୍ଥାତ୍ ମାସାନ୍ତ ଦିନ ବା ପହିଲି ରଜ ଦିନକୁ ସଜବାଜର ଦିନ କୁହାଯାଏ । ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି ଓ ତୃତୀୟ ଦିନକୁ ଶେଷରଜ, ଭୂଇଁ ଦହଣ, ଭୂମି ଦହନ ବା ଭୂଦାହ କୁହାଯାଏ । ଏହିଦିନ ଭୂମିକୁ ଆଘାତ କରାଯାଏନାହିଁ। ଘର ଚାରିପଟେ ସାପ ଦାଉରୁ ରକ୍ଷା ପାଇବା ପାଇଁ ଖଡିରେ ଗାର ଟାଣି ଦିଆଯାଏ ।ଏହି ତିନିଦିନ କୁମାରୀ କନ୍ୟାମାନେ ସଜବାଜ ହୋଇ ମଥାରେ ଚନ୍ଦନ କୁଙ୍କୁମ ଲଗାଇ, ପାଦରେ ଅଳତା ଲଗାଇ, ନୂଆ ଜାମା ପିନ୍ଧି, ପିଠାପଣା ଖାଇ, ଦୋଳିରେ ଝୁଲି, ପାଦରେ କଦଳୀ ଗଛ କିମ୍ବା ଗୁଆ ଖେଳପାକୁ ପାଦରେ ପିନ୍ଧି, ଖେଳ, ନାଚ, ଗୀତ ପୁଚିଖେଳରେ ମଉଜ କରିଥାନ୍ତି । ଆବାଳବୃଦ୍ଧବନିତା ତାସ ଲୁଡୁପାଲି ଖେଳରେ ମାତିଥାନ୍ତି। କୃଷକର ମଧ୍ୟ ଚାଷ କାମ ନଥିବାରୁ ମନରେ ଖୁସି ଥାଏ । ବିଦେଶରେ କିମ୍ବା ନିଜ

ଘରଠାରୁ ଦୂରରେ ରହୁଥିବା ଚାକିରିଆ ପୁଅମାନେ ଘରକୁ ଆସିଥାନ୍ତି ଏହି ଗଣପର୍ବ ବା ସାମୁହିକ ପର୍ବରେ ନିଜକୁ ସାମିଲ କରିବା ପାଇଁ। ରଜର ଦ୍ୱିତୀୟ ବିଶେଷତ୍ୱ ହେଲା ରଜଦୋଳି। ଏଥି ନିମନ୍ତେ ବାଉଁଶ ଦୋଳି, ପଟାଦୋଳି ଗଛ ଦୋଳି , ରସି ଲଗା ଦୋଳି ମାନ ବନ୍ଧା ଯାଇଥାଏ। କୁଆଁରୀ କନ୍ୟାମାନେ,ବିବାହିତ ଝିଅ ବୋହୂ ରଜଗୀତ ଗାଇ , ରଜପାନ ଖାଇ ଓଠକୁ ଲାଲି କରି ଖୁସିରେ ଦୋଳି ଖେଳନ୍ତି । କାରଣ ଏହି ସମୟରେ ଘରର କାମ କିଛି ନଥାଏ। ଏହି ତିନିଦିନ ପିଠାପଣା ଖାଇ ଦିନରେ ରୁହନ୍ତି ଏବଂ ସଂଧ୍ୟା ପୂର୍ବରୁ ସାହି ପଡିଶାଙ୍କ ସହିତ ସାମୁହିକ ଭୋଜନ କରାଯାଏ ଯାହାକୁ ରଜ ପାରି କୁହାଯାଏ। ରଜପାନ ଖାଇ ରଜ ପାଳିବାର ମଜା ଗୋଟେ ନିଆରା ଅନୁଭବ ଦିଏ । ତେଣୁ ଏହି ରଜ ପର୍ବକୁ ମଉଜର ପର୍ବ ମଧ୍ୟ କୁହାଯାଏ। ଏହି ଅବସରରେ ବିବାହିତ ଭଉଣୀ ଓ କନ୍ୟା ଘରକୁ ରଜ ଭାର ପଠାଯାଏ। ପିଠା ମିଠା ବିଭିନ୍ନ ପ୍ରକାରର ଫଳ ଖଇ,ଉଖୁଡ଼ା, ମୁଢ଼ି, ଚୁଡ଼ା ନେଇ ବନ୍ଧୁ ବାନ୍ଧବ ଭେଟ ହୋଇଥାଏ। ସାହି ପଡିଶାରେ ପିଠା ମିଠା ଦିଆନିଆର ସଭାବ ବଢ଼ିଥାଏ। ରଜର ଶେଷ ହୁଏ ବସୁମତୀ ସ୍ନାନ ବା ଠାକୁରାଣୀ ଗାଧୁଆ । ଏହି ଦିନ ରଜରପୂର୍ବଦିନ ବସିଥିବା ଠାକୁରାଣୀ ଶିଳ ଶିଳପୁଆ, ଗୁଆକୁ ଅଗଣାରେ ହଳଦୀ ପାଣିରେ ଗାଧୋଇଦେଇ ନୂଆ ବସ୍ତ୍ର ପିନ୍ଧାଯାଏ। କଳସ ଆମ୍ବଡ଼ାଳ ବସାଇ ଶ୍ରୀ ଗଣେଷଙ୍କୁ ପୂଜା କରି ଭୂଦେବୀ ବା ବସୁମାତା ଓ ଷଠୀଦେବୀଙ୍କୁ ନୈବେଦ୍ୟ ଦେଇ ବନ୍ଦାପନା କରାଯାଏ। ଶଂଖ ହୁଳହୁଳି ଦେଇ, ଫଳ ପୁଷ୍ପ ଭୋଗ ଲଗାଇ ସମସ୍ତେ ସାଷ୍ଟାଙ୍ଗ ହୁଅନ୍ତି ଦେବୀଙ୍କ ପାଖରେ। ଭଲ ବର୍ଷା ଓ ଭଲ କୃଷି ପାଇଁ କାମନା କରନ୍ତି। କାରଣ ଓଡ଼ିଶାର ଅଧିବାସୀଙ୍କର ପ୍ରଧାନ ଜୀବିକା ହେଉଛି କୃଷି ଏବଂ ଏହି କୃଷି ପାଇଁ ତାକୁ ନିର୍ଭର କରିବାକୁ ପଡ଼େ ମୌସୁମୀ ବର୍ଷାକୁ। ଭୂମି ଆମର ମାତୃ ସ୍ୱରୂପା ସେ ଆମର ଲକ୍ଷ୍ମୀ । ମେଘ ଓ ମାଟିର ମିଳନରେ ମାଟିର ଉର୍ବର ଶକ୍ତି ବଢ଼େ। ମାଟି ଚାଷପାଇଁ ଅନୁକୂଳ ହୁଏ। ତାପରେ କୃଷକ କୃଷି କାର୍ଯ୍ୟରେ ମନ ଦିଏ । ତେଣୁ ଏହା କୃଷି ଭିତିକ ପର୍ବ। ରଜରେ ପୋଡପିଠା ଓ ରଜପାନ ଖାଇବାର ବିଧି ଥାଏ । ପୋଡପିଠା ସ୍ୱାସ୍ଥ୍ୟ ଉପଯୋଗୀ କାରଣ ଏହାଚୂଲିର ରଡନିଆଁରେ ପୋଡାଯାଏ ସବୁ ପ୍ରକାର ଖାଦ୍ୟସାର ଯଥା ବଟାବିରି , ଚାଉଳ ଚୂନା, କୋରା ନଡ଼ିଆ, ଗୁଡ଼, ଛେନା, ଅଦା , ଗୋଲମରିଚ, କାଜୁ, କିସ୍‌ମିସ ଗୋଳାଇ କଦଳୀପତ୍ରରେ ଘିଅବୋଳି ଉପରେ ରଡ଼ନିଆଁ ଥୋଇ ପ୍ରସ୍ତୁତ ହୋଇଥାଏ। ଏହା ଖୁବ୍ ସୁସ୍ୱାଦୁ ଏବଂ ସ୍ୱାସ୍ଥ୍ୟ ଉପଯୋଗୀ। ଓଡିଆର ଚଳଣିରେ, ଆତିଥ୍ୟରେ ରଜପାନ ବା ଲବଙ୍ଗ ଦିଆ ଖିଲି ପାନର ସ୍ଥାନ ଖୁବ ଅଧିକ। ପ୍ରତି ଓଡିଆ ଘରେ ପାନ ବଟୁଆ ଥାଏ। ଘରକୁ କେହି ଅତିଥି ଆସିଲେ ପାନ ଖଣ୍ଡେ ଦେବାର ପରମ୍ପରାକୁ ଓଡିଆ କେବେ ଭୁଲେନାହିଁ। ପାନ ମୁଖରୋଚକ, ମୁଖଶୋଧକ ଏବଂ ହଜମ ପ୍ରକ୍ରିୟାରେ ସାହାଯ୍ୟ କରେ। ବନ୍ଧୁତା ବଢ଼ାଏ। ତାଛଡ଼ା ବଡ଼ଠାକୁର ମଧ୍ୟ ବିଡ଼ିଆ ପାନ ଖାଇବାର ପରମ୍ପରା ଶ୍ରୀମନ୍ଦିରରେ ରହିଛି।

ରଜରେ ଲୋକଗୀତର ପରଂପରା ରହିଛି ଯଥା ରଜଦୋଳି କଟକଟ ମୋ ଭାଇ ମୁଣ୍ଡରେ ସୁନାମୁକୁଟଲୋ ଦିଶୁଥାଏ ଝଟଝଟ । ବନସ୍ତେ ଡାକିଲା ରଜ ବରଷକେ ଥରେ ଆସିଛି ରଜ ଆସିଛି ରଜ ଲୋ ଘେନି ନୂଆ ସଜବାଜ। ଏହି ଗୀତର ମିଳିତ ସ୍ୱରରେ ରଜଦୋଳି ଆକାଶ ଛୁଏଁ। ପୁରୁଷ ମାନେ ମଧ୍ୟ ବିଭିନ୍ନଖେଳ କବାଡି, ଖୋଖୋ, ତାସଖେଳ ପଶାଖେଳ ଆଦି ଖେଳିଥାନ୍ତି । ଉପକୂଳ ଅଂଚଳରେ ଆଖଡା ଯାତ୍ରା ଆଦି ହୁଏ ପୁରୀ କଟକ, କେନ୍ଦୁଝର, ଢେଙ୍କାନାଳ, ବାଲେଶ୍ୱର, ମୟୁରଭଂଜ ଖୋର୍ଦ୍ଧା ଜିଲ୍ଲାରେ ଏହି ପର୍ବ ଧୁମଧାମରେ ପାଳନ କରାଯାଏ । ରଜ ସାମାଜିକ ବନ୍ଧନକୁ ସୁଦୃଢ଼ କରେ । ଯେତେ ଆଧୁନିକତା ଆଡ଼କୁ ସମାଜ ମୁହାଁଇଲେ ମଧ୍

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୪ ଜୁନ୍ ୨୦୨୧, ସୋମବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ସ୍ୱାର୍ଥପରତା...

ସାମ୍ପ୍ରତିକ ରାଜନୀତିରେ ପୂର୍ବଦିନ ଭଳି ସେବା ମନୋବୃତ୍ତିଦୁର୍ଲଭ ହୋଇସାରିଲାଣି । ଏହା ସାର୍ବଜନୀନ ବାସ୍ତବତା ବୋଲି କୁହାଗଲା ଭୁଲ୍ ହେବନାହିଁ । କ୍ଷମତା ପାଇଁ ନେତାମାନେ ଯେକୌଣସି ଉପାୟକୁ ଆପଣେଇ ପାରନ୍ତି । ଶୋଷଣ, ତୋଷଣଠାରୁ ଆରମ୍ଭ କରି ଯାବତୀୟ କର୍ମ ଓ ଅପକର୍ମ କରିବା ସକାଶେ ପଛଘୁଞ୍ଚା ଦେଇନଥାନ୍ତି ତଥାକଥିତ ସେବକମାନେ । ବିନା ପୁଞ୍ଜିରେ ସବୁଠାରୁ ସୁଲଭ ପେସା କହିଲେ ଆଜିକା ଦିନରେ ରାଜନୀତିକୁ ବୁଝାଏ । ବିଶେଷକରି ଯେତେବେଳେ ନିର୍ବାଚନ ପାଖେଇ ଆସେ, ଏହି ବର୍ଗର ନେତା ଓ କର୍ମୀଙ୍କ ଭିତରେ ଆଗ୍ରହ ଓ ଉତ୍ସାହ କହିଲେ ନସରେ । ଯେଉଁଠି କ୍ଷମତା, ସେଇଠି କଥିତ କିସମର ନେତା ଓ କୁଜିନେତାମାନଙ୍କର ଭିଡ଼ । ଯେଉଁଠି କ୍ଷମତା ନାହିଁ, ସେଠାରେ କାହିଁକି ଏମାନଙ୍କର ଦେଖାଦର୍ଶନ ମିଳିବ ? ଦେଶରେ ଛତୁ ଫୁଟିବା ଭଳି ରାଜନୈତିକ ଦଳ ଓ ସେହି ଅନୁପାତରେ ନେତା ଆତଯାତ ହେଉଛନ୍ତି । ସମୟକ୍ରମେ ସେମାନଙ୍କର ଗତିବିଧି ଦେଖି ମତଦାତାମାନେ ଧାନରୁ ଅଗାଡ଼ି ବାଛିବା ଭଳି ଏଭଳି ସ୍ଥିତି ଆଣିଦେଇଛନ୍ତି, ଯଦ୍ୱାରା ସେଗୁଡ଼ିକର ସଂଖ୍ୟା ଏମିତିରେ ଡଜନକରେ ସୀମିତ ହୋଇସାରିଲାଣି । ପ୍ରମୁଖ ଦଳ ଭିତରେ ଆଙ୍ଗୁଠିରେ ଗଣିଦେବା ଭଳି ଦଳ କିଏ କେନ୍ଦ୍ରରେ ତ' କିଏ ରାଜ୍ୟରେ ଶାସନ କରୁଛନ୍ତି । ସ୍ୱାଧୀନତା ପ୍ରାପ୍ତି ପରଠାରୁ ଜାତୀୟ କଂଗ୍ରେସ ବହୁବର୍ଷ କେନ୍ଦ୍ରରେ ଓ ବିଭିନ୍ନ ରାଜ୍ୟରେ କ୍ଷମତାରେ ଥିଲା । ପରେ ଅଣ-କଂଗ୍ରେସ ଦଳମାନେ ସେମାନଙ୍କର ପତିଆରା ବଢ଼ାଇ କେନ୍ଦ୍ର ଓ ରାଜ୍ୟଗୁଡ଼ିକରେ ଶାସନ କରି ଦେଖାଇଦେଲେ କି, କୌଣସି ଦଳର ଶାସନ କରିବାର ଏକାଧିକାର ରହିନପାରେ । ମିଳିତ ସାମ୍ମୁଖ୍ୟର ପରୀକ୍ଷା ମଧ୍ୟ ଦେଶବାସୀ ଦେଖିଲେ । ହେଲେ ସେହି ପରୀକ୍ଷା ବେଶୀକାଳ ସ୍ଥାୟୀ ହୋଇ ରହିଲା ନାହିଁ । ପରେ ଜନାଦେଶ ଢଳିଲା ଭାରତୀୟ ଜନତା ପାର୍ଟି ଆଡ଼କୁ । ମିଳିତ ସରକାରର ନେତୃତ୍ୱ ନେଇ ଅଟଳବିହାରୀ ବାଜପେୟୀ ସମସ୍ତ ଅଂଶୀଦାର ଦଳ ସହ ବୁଝାମଣା ଆଧାରରେ ଯେଉଁ ଶାସନର ପରମ୍ପରା ରଖିଯାଇଛନ୍ତି, ତାହା ସଂସଦୀୟ ଗଣତନ୍ତ୍ର ପରମ୍ପରାରେ ଅକ୍ଷୁର୍ଣ୍ଣ ଦୃଷ୍ଟାନ୍ତ ହୋଇ ରହିଛି । କ୍ଷମତା ରାଜନୀତିରେ ଆନୁଗତ୍ୟ ପରିବର୍ତ୍ତନର ଅସୁସ୍ଥ ପରମ୍ପରା ଗଢ଼ି ଆସିଛି । ସ୍ୱର୍ଗୀୟ ଇନ୍ଦିରାଗାନ୍ଧିଙ୍କ ଶାସନ ଅମଳରେ ଭଜନ ଲାଲଙ୍କ ନେତୃତ୍ୱରେ ଆୟାରାମ-ଗୟାରାମ ରାଜନୀତି ହେଉ କି' ଜନତା ଦଳ ଅମଳରେ ବିହାର ଓ ଉତ୍ତରପ୍ରଦେଶରେ ମେଷ ପଲ ଭଳି ବିଧାୟକମାନଙ୍କ କିଣାବିକା, ତାହା କ୍ଷମତା ରାଜନୀତିରେ ଦଳ ବଦଳ ଭଳି କୁତ୍ସିତ କଳଙ୍କ ଲଗାଇ ଦେଇଛି । ନିକଟରେ କଂଗ୍ରେସ ଦଳ ଛାଡ଼ି ରାହୁଲ ଗାନ୍ଧିଙ୍କ ଘନିଷ୍ଠ କୁହାଯାଉଥିବା ଜ୍ୟୋତିରାଦିତ୍ୟ ସିନ୍ଧିଆ ବିଜେପିରେ ମିଶିଛନ୍ତି । ମଧ୍ୟପ୍ରଦେଶ ରାଜନୀତିରେ ପ୍ରାଧାନ୍ୟ ଥିବା ସିନ୍ଧିଆ ପରିବାରର ମାଧବରାଓ ସିନ୍ଧିଆଙ୍କ ସୁପୁତ୍ର ଜ୍ୟୋତିରାଦିତ୍ୟ ଗୃହଭେଦୀ ବିଭୀଷଣ ଭୂମିକାରେ ଅବତୀର୍ଣ୍ଣ ହୋଇ ବିଜେପିର ଶରଣାପନ୍ନ ହେବା ପଛରେ କ୍ଷମତାଲୋଭ ନିହିତ, ସେଥିନେଇ ତିଳେ ହେଲେ ସନ୍ଦେହ କରିବାର ନାହିଁ । ସମର୍ଥକ- ବିଧାୟକମାନଙ୍କୁ ଧରି ସେ କଂଗ୍ରେସ ତ୍ୟାଗ କରି ରାଜ୍ୟସଭାକୁ ଗଲେ ସିନା, କେନ୍ଦ୍ରରେ ମନ୍ତ୍ରୀପଦ ପାଇବା ସକାଶେ ରାଜନୀତିରେ ପ୍ରଭାବଶାଳୀ ସଚିନ ପାଇଲଟ୍ ରାଜ୍ୟ ନେତୃତ୍ୱ ବିରୋଧରେ ବିଦ୍ରୋହର ଝଣ୍ଡା ଉଡ଼ାଇଥିଲେ । ମାତ୍ର ତାଙ୍କୁ ବୁଝାଶୁଝା କରି ଏକପ୍ରକାର ସନ୍ତୁଷ୍ଟ ରଖାଯାଇଛି । ତାଙ୍କର ଗତିବିଧି ଉପରେ ନଜର ରଖି ବିଜେପି ଚାହୁଁଛି ଯେ, ଗେହଲଟ୍ ସରକାରକୁ ଗଡ଼ାଇବାକୁ ହେଲେ ପାଇଲଟ୍‌ଙ୍କୁ ଦଳ ଭିତରକୁ ଟାଣିବାକୁ ହେବ । ତିନି ଦିନ ତଳେ ରାହୁଲଙ୍କ ଘନିଷ୍ଠ କୁହାଯାଉଥିବା ଜିତିନ ପ୍ରସାଦ କଂଗ୍ରେସ ଛାଡ଼ି ପଦ୍ମଫୁଲ ଧରିଛନ୍ତି । ତିନି ପିଢ଼ି ଧରି କଂଗ୍ରେସର ଅନୁଗତ ଥିବା ଜିତିନ ଏବେ ସ୍ୱର ବଦଳାଇ କହିଲେଣି: ଭାରତୀୟ ଜନତା ପାର୍ଟି ହେଉଛି ଏକମାତ୍ର ଜାତୀୟ ଦଳ । ଆଗକୁ ବିଧାନସଭା ଭୋଟ୍ ରହିଥିବାରୁ ଜିତିନଙ୍କୁ ବିଜେପିରେ ସାମିଲ କରାଯିବା ପରେ ୟୁପି ରାଜନୀତିରେ ହଲ୍‌ଚଲ୍ ଦେଖାଦେବା ସମ୍ଭବ । ପଶ୍ଚିମବଙ୍ଗ ନିର୍ବାଚନରେ ଧୂଳି ଚାଟିଥିବା କଂଗ୍ରେସର ପ୍ରଭାରୀ ଥିଲେ ଜିତିନ । ମମତା ବାନାର୍ଜୀ ବଙ୍ଗ ରାଜନୀତିରେ ଅପରାଜେୟ ବୋଲି ପ୍ରମାଣିତ ହୋଇସାରିଥିବା ପରେ ତୃଣମୂଳ କଂଗ୍ରେସ ଛାଡ଼ି ଚାଲିଯାଇଥିବା ଅନେକ ନେତା ଘରବାହୁଡ଼ାକୁ ଅପେକ୍ଷା କରିଛନ୍ତି । ଏହା ମଧ୍ୟ କ୍ଷମତା ରାଜନୀତିର ଅନ୍ୟ କିସମର ଖେଳ ବୋଲି ଧରିନେବାକୁ ହେବ । ପଞ୍ଜାବରେ ମଧ୍ୟ ବିଧାନସଭା ଭୋଟ୍ ପାଖେଇ ଆସୁଛି । କ୍ୟାପଟେନ୍ ଅମରିନ୍ଦର ସିଂହଙ୍କ ସରକାରକୁ ଅସ୍ଥିର କରିବା ଲାଗି ନବଜ୍ୟୋତି ସିଂହ ସିନ୍ଧୁଙ୍କୁ ଗୋଷ୍ଠୀ କିଭଳି ଲଗାଯାଇଛି, ତାହା ରାଜନୀତିରେ ରୁଚି ରଖୁଥିବା ରୁଚି ରଖୁଥିବା ମହଲ ଲକ୍ଷ୍ୟ କରୁଛନ୍ତି । ତାହା ଦିଲ୍ଲୀ ହେଉ କି ଅନ୍ୟ କେଉଁଠି ହେଉ, କ୍ଷମତା ପାଇଁ କଳ ବଳ କୌଶଳ ଖଟାଇବାରେ ମାହିରମାନେ କଳଙ୍କିତ ଅବସ୍ଥାର ଭରପୂର ଫାଇଦା ଉଠାଇବା ଚକ୍କରରେ ଅଛନ୍ତି । ଯେତେ ଅଧିକ କ୍ଷେତ୍ର ନିଜ ଦଖଲରେ ଥାଉ ପଛେ, ଚାହୁଁଛନ୍ତି ଅଧିକ କ୍ଷମତା, ଅଧିକ ଶକ୍ତି । ଏହି ବିଷଚକ୍ରର ଏତେଶୀଘ୍ର ଅନ୍ତ ଘଟିବ, ତାହା ଆପାତତଃ ଆଶା କରିହେଉ ନାହିଁ !

ଏ ବର୍ଷ ରଜ....

ବିଜୟଲକ୍ଷ୍ମୀ ପାଣିଗ୍ରାହୀ

ଏ ବର୍ଷ ଆସିଲା ରଜ
କିପରି ହୋଇବି ମୁଁ ସଜବାଜ
ବଉଳ ଲୋ....
ପରିସ୍ଥିତିଟା ଗମ୍ଭୀର ଆଜ। ବଉଳ...

ମଉଜର ପର୍ବ ବୋଲି
ମଉଜ କି ହେବ ପକେଟ ଖାଲି
ବଉଳ ଲୋ.....
ଧନ ଅଭାବେ ହୀନସ୍ତା ହେଲି।
ବଉଳ...

ଘରେ ଘରେ ଦୋଳି ଖେଳ
ମୁହଁ ଶୁଖାଇଛି ଗଛର ଡାଳ
ବଉଳ ଲୋ....
ବନ୍ଧୁ ବାନ୍ଧବଙ୍କ ନାହିଁ
ମେଳ।ବଉଳ....

ବାସୁନାହିଁ ପୋଡ଼ ପିଠା
ଘରେ ଘରେ ହୁଏ କେକ କଟା
ବଉଳ ଲୋ....
ଏ ତ ଆଧୁନିକତାର ଛଟା ।
ବଉଳ....

ନାଲି ଲିପିଷ୍ଟିକ ଲଗାଇ
ଓଠକୁ ଦେଇଛି ଝିଅ ରଂଗାଇ
ବଉଳ ଲୋ.....
ରଜପାନର ତା ଲୋଡ଼ା ନାହିଁ।
ବଉଳ....

ଆକାଶୁ ଝରଇ ପାଣି
ଘାସରେ ଚାଲୁନି ସାଧବ ରାଣୀ
ବଉଳ ଲୋ.....
ପିଚୁ ରାସ୍ତା ତା କାଳ ହେଲାଣି।
ବଉଳ...

ଏ ବର୍ଷର କଥା ଥାଉ
ମୋବାଇଲ ରଜ ଚୁଲିକି ଯାଉ
ବଉଳ ଲୋ....
ମନେ ମନେ ଏ ସଂକଳ୍ପ
ନେଉ।ବଉଳ....

ମନକୁ ଦୃଢ଼ କରିବା
ଆର ବରଷକୁ ରଜ ପାଳିବା
ବଉଳ ଲୋ...
ଧାରାରୁ ସରା ଛୁଇଁବା। ବଉଳ....

+ ଶିକ୍ଷୟିତ୍ରୀ, କୁନ୍ଦୁରା
ଜୟପୁର, କୋରାପୁଟ
ମୋ-୮୨୪୯୪୫୦୦୫୦

କଥା ସମ୍ରାଟ ଫକୀର ମୋହନ ; ଏକ ଶ୍ରଦ୍ଧାଞ୍ଜଳି

ଡକ୍ଟର ଶ୍ରୀହରି ପଣ୍ଡା

ଓଡିଆ ଜାତିର ଗୌରବମୟ ଇତିହାସକୁ ସ୍ମରଣ କରି ନିଜକୁ ଗୌରବାନ୍ୱିତ ମନେ କରିବାକୁ ହୁଏ । ଉତ୍କଳୀୟ ସଂସ୍କୃତି, ମାନବିକ ମୂଲ୍ୟବୋଧ, ଆଧ୍ୟାତ୍ମିକ ଚେତନା, ଆଦର୍ଶ ଜୀବନ ଯାପନଧାରା ପୃଥିବୀକୁ ଶିଖାଇଛି ଉତ୍କଳ । ଶିଳ୍ପ, କୃଷି, ବାଣିଜ୍ୟ, ଭାଷା, କଳା, ସଙ୍ଗୀତ, ବିଜ୍ଞାନ ସବୁ କ୍ଷେତ୍ରରେ ଉତ୍କଳ ଶ୍ରେଷ୍ଠ । ସମସ୍ତଙ୍କ ପ୍ରତି ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ, ସ୍ନେହ, ଐକ୍ୟସ୍ଥାପନ, ଅହିଂସା ଆଚରଣ, ସତ୍ୟ ଧର୍ମ ପଥ ଅନୁସରଣ ସବୁ କିଛି ଓଡିଆ ଜାତିର ଓଡିଆ ଭାଷାର ଭରପୂର । ଏହାର ସାମାଜିକ ସଂସ୍କାର ପରମ୍ପରା ଅନନ୍ୟ । ଭାଷା ବଞ୍ଚିଲେ ଜାତି ବଞ୍ଚିବ ; ଜାତି ବଞ୍ଚିଲେ ରାଜ୍ୟବାସୀଙ୍କର ସ୍ୱାତନ୍ତ୍ରତା ବଞ୍ଚିବ ଏହି କଥା ପ୍ରମାଣ କରିଛି ଉତ୍କଳ ସମ୍ମିଳନୀର ଧାରାବାହିକ ପ୍ରଚେଷ୍ଟା, ସଞ୍ଚାରିତ କରିପାରିଛି ଜାତୀୟ ଜୀବନର ପ୍ରବହମାନଧାରା, ସର୍ବଭାରତୀୟ ଏକତା, ଜାତୀୟ ସଂହତି, ସର୍ବଭାରତୀୟ ଭାଷା, ସଂସ୍କୃତି, ଧର୍ମ ଓ ପରମ୍ପରାକୁ ସମ୍ମାନ ଦେଇ ଓଡିଆ ଭାଷା ସଂସ୍କୃତିର ଅଭିବୃଦ୍ଧି ଓ ପ୍ରସାର କରିବା ଉତ୍କଳ ସମ୍ମିଳନୀର ଲକ୍ଷ୍ୟ ତଥା ଉଦ୍ଦେଶ୍ୟ । ଉତ୍କଳ ସମ୍ମିଳନୀର ଚେଷ୍ଟା ଫଳରେ ଓଡିଶା ପ୍ରଥମ ଭାଷା ଭିତ୍ତିକ ରାଜ୍ୟର ମାନ୍ୟତା ପାଏ । ପରେ ୨୦୧୪ ମସିହାରେ ଏହି ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରେ । ଏହି ଭାଷାକୁ ବଞ୍ଚାଇ ରଖିବା ଲାଗି ଯେଉଁମାନେ ସତତ ଚେଷ୍ଟା, ତ୍ୟାଗ, ନିଜର ସାହିତ୍ୟ ମାଧ୍ୟମରେ ଏକ ବୃହତ୍ତର ପାଠକଗୋଷ୍ଠୀକୁ ଆମୋଦିତ କରିବା ସଙ୍ଗେ ସଙ୍ଗେ ଓଡିଆ ଭାଷାକୁ ଏକ ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ପ୍ରଦାନ କରିଥିଲେ ସେହି ବରପୁତ୍ରମାନଙ୍କ ମଧ୍ୟରେ ପୁରୋଧା ଥିଲେ ବାରିଷ୍ଟର ମଧୁସୂଦନ ଦାସ । ଏହାଙ୍କ ନେତୃତ୍ୱରେ ଯେଉଁ ବୀରମାନେ ଭାଷା ସୁରକ୍ଷା ପାଇଁ ଲଢିଥିଲେ ସେମାନଙ୍କ ମଧ୍ୟରେ ସେନାପତି ଫକୀର ମୋହନ, ଗଙ୍ଗାଧର ମେହେର, ଗୋପବନ୍ଧୁ ଦାସ, ରାଧାନାଥ ରାୟ, ରାଜା ରାମଚନ୍ଦ୍ର ଭଞ୍ଜଦେଓ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ପଣ୍ଡିତ ନୀଳକଣ୍ଠ ଦାସ, ଡକ୍ଟର ହରେକୃଷ୍ଣ ମହତାବ ଆହୁରି ଅନେକ । ଏହି ଆଧୁନିକ ଓଡିଶାର ନିର୍ମାତାଙ୍କ ମଧ୍ୟରେ ଅନ୍ୟତମ ସଂକ୍ରାନ୍ତି ପୁରୁଷ ଓଡିଆ ଭାଷା ବିଲୋପ ଆନ୍ଦୋଳନକୁ ପ୍ରତିହତ କରିବାରେ ଦକ୍ଷ ସେନାପତିର ଭୂମିକା ନିର୍ବହନ କରିଥିବା ସେନାପତି, ବ୍ୟାସକବି ଫକୀର ମୋହନ ଅନ୍ୟତମ । କେବଳ ସାହିତ୍ୟ କ୍ଷେତ୍ରରେ ନୁହେଁ, ଓଡିଶାର ସାମାଜିକ ଇତିହାସରେ ମଧ୍ୟ ସେ ଜଣେ ବଳିଷ୍ଠ ଚରିତ୍ର ହୋଇ ରହିଯାଇଛନ୍ତି । ଓଡିଶାକୁ ଏକତ୍ୱ ସୂତ୍ରରେ ବାନ୍ଧିବାକୁ ତାଙ୍କର ପ୍ରୟାସ ତାଙ୍କୁ ଚିର ସ୍ମରଣୀୟ କରି ରଖିବ । ଓଡିଶା ତଥା ଓଡିଆ ଭାଷାକୁ ସର୍ବ ଭାରତୀୟ ସ୍ତରରେ ଗୌରବାନ୍ୱିତ କରିବା ପାଇଁ ସେ ପ୍ରୟାସ କରିଛନ୍ତି । ତାଙ୍କର ସ୍ପଷ୍ଟ ବକ୍ତବ୍ୟ, ପ୍ରଖର ବୁଦ୍ଧିମତ୍ତା, ସଂଗଠନ କ୍ଷମତା, ସୁହୃଦୟଶୀଳତା ପାଇଁ ବହୁ ସ୍ଥାନରେ ଅସୁବିଧାରେ ସମ୍ମୁଖୀନ ହୋଇଛନ୍ତି, ଲାଞ୍ଛିତ ହୋଇଛନ୍ତି ତଥାପି ସେ ଭାଙ୍ଗିପଡିନାହାନ୍ତି ବରଂ ଦୃଢତାର ସହ ସାମ୍ନା କରି ଆମ ସମ୍ମୁଖରେ ବହୁଚର୍ଚ୍ଚିତ କିମ୍ବଦନ୍ତୀ ହୋଇ ଛିଡା ହୋଇଛନ୍ତି । ସେ ବ୍ୟାସ, ବାଲ୍ମୀକୀ, ସାରଳା, ବଳରାମ ଓ ଜଗନ୍ନାଥଙ୍କ ପରି ଘରେ ଘରେ ଆଦୃତ ହୋଇଛନ୍ତି । ତାଙ୍କ ଆତ୍ମ ଜୀବନୀ ଓଡିଆ ସାହିତ୍ୟର ଇତିହାସ କହିଲେ ଭୁଲ ହେବନାହିଁ । ଆଲୋଚ୍ୟ ନିବନ୍ଧରେ ତାଙ୍କ ସମ୍ପର୍କରେ ସାମାନ୍ୟ ଆଲୋଚନାର ପ୍ରୟାସ ହୋଇଛି ।

ଓଡିଆ ଭାଷା ସଂକଟଜନକ ସ୍ଥିତିରେ ଗତି କରୁଥିବା ବେଳେ ମହାପୁରୁଷ ଫକୀରମୋହନଙ୍କ ଜନ୍ମ ହୁଏ ୧୮୪୩ ମସିହା ଜାନୁଆରୀ ୧୪ ତାରିଖ ମକର ସଂକ୍ରାନ୍ତିରେ ବାଲେଶ୍ୱର ଜିଲ୍ଲାର ମଲ୍ଲୀକାଶପୁର ଗ୍ରାମରେ ପିତା ଲକ୍ଷ୍ମଣ ସେନାପତି ଓ ମାତା ତୁଳସୀ ଦେବୀଙ୍କ କୋଳରେ । ବାଲ୍ୟକାଳରେ ତାଙ୍କ ନାମଥିଲା ବ୍ରହମୋହନ । ଶୈଶବରୁ ହିଁ ସେ ହୋଇଗଲେ ପିତାମାତା ଛଉଣ୍ଡ । ମାତ୍ର ଦେଢବର୍ଷ ସମୟରେ ସେ ହରାଇଲେ ଉଭୟଙ୍କୁ ଆଉ ଜେଜେମା କୋଶଳା ଦେଇ(କୁଟିଳା ଦେଇ)ଙ୍କ ଲାଳନ ପାଳନରେ ବଢିବାକୁ ଲାଗିଲେ । ରୋଗଗ୍ରସ୍ତ ବ୍ରଜସୁନ୍ଦରଙ୍କୁ ଜେଜେମା ପୀରଙ୍କୁ ଅର୍ପଣ କରିଦେବାରୁ ସେ ପାଲଟିଗଲେ ଫକୀର ମୋହନ । ଆବାଲ୍ୟରୁ ରୋଗଗ୍ରସ୍ତ ଓ ଦାରିଦ୍ର୍ୟରେ ସମୟ କାଟୁଥିବା ଫକୀରମୋହନଙ୍କ ଶିକ୍ଷାଲାଭ କରିବାର ସୁଯୋଗ ମିଳିନଥିଲା । ଚାଟଶାଳିରେ ପଢୁଥିବା ସମୟରେ ବଡବାପାଙ୍କ ନିର୍ଦ୍ଦେଶରେ ସେ ଅଝାଳ ସିଲାଇ ଓ ନିମକମାହାଲ କାର୍ଯ୍ୟରେ ଯୋଗଦେଲେ । ଈଶ୍ୱରଙ୍କ ଆଶୀର୍ବାଦରୁ ସେ ଏହାର କିଛି ଦିନପରେ ଯୋଗଦେଲେ ବାରବାଟୀ ସ୍କୁଲରେ ତୃତୀୟଶିକ୍ଷକ ରୂପେ । ଏହିଠାରୁ ହିଁ ଆରମ୍ଭ ହେଲା ତାଙ୍କର କର୍ମମୟ ଜୀବନ । ଏହାପରେ ବାଲେଶ୍ୱର ମିଶନ ସ୍କୁଲର ପ୍ରଧାନ ଶିକ୍ଷକ ଏବଂ ସେହି ସମୟରେ ବାଲେଶ୍ୱରର କଲେକ୍ଟର ଜନ ବିମିସ ଙ୍କ ସଂସ୍ପର୍ଶରେ ଆସିଲେ । ସେତେବେଳେ ବିମିସ ସାହେବ କମ୍ପାରେଟିଭ ଗ୍ରାମାର ଅଫ ଦି ଇଣ୍ଡିଆନ ଲାଙ୍ଗୁଏଜେସ ପୁସ୍ତକଟି ଲେଖୁଥାନ୍ତି । ଫକୀର ମୋହନଙ୍କ ସହାୟତାରେ ସେହି ପୁସ୍ତକଟି ରୂପ ପାଇବାରେ ସଫଳ ହେବାରୁ ବିମସ ସାହେବ ଓ ଫକୀରମୋହନଙ୍କ ମଧ୍ୟରେ ବନ୍ଧୁତ୍ୱ ଦୃଢୀଭୁତ ହୁଏ । ଏହି ସମୟ ବେଳକୁ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଓଡିଆ ଏକଟା ସ୍ୱତନ୍ତ୍ର ଭାଷା ନଏ ନାମରେ ବହିଟିଏ ପ୍ରକାଶ କରି ଓଡିଆ ଭାଷା ବିଲୋପର ତୂର୍ଯ୍ୟନାଦ କଲେ । ଏହା ଜାତିପ୍ରାଣ ଫକୀରମୋହନଙ୍କୁ ଖୁବ୍ ବାଧିଲା । ଏଣୁ ସେ ବାଲେଶ୍ୱରର ପ୍ରେସ ସ୍ଥାପନ ପୂର୍ବକ ଓଡିଆ ଭାଷାର ସ୍ୱତନ୍ତ୍ର ପରିଚୟ ଓ ସୁରକ୍ଷା ପାଇଁ ମସୀଯୁଦ୍ଧ ଆରମ୍ଭ କଲେ । ସେ ସଂସ୍କୃତ ଓ ବଙ୍ଗଳା ଜାଣିନଥିବା ଲୋକଙ୍କ ପାଇଁ ରାମାୟଣ, ମହାଭାରତ, ଭଗବତ ଗୀତା ଅନୁବାଦ କରିବା ସହିତ ଉତ୍କଳ ଭ୍ରମଣ,ପୁଷ୍ପମାଳା ଓ ଉପହାର ପ୍ରଭୃତି ତିନୋଟି କାବ୍ୟଗ୍ରନ୍ଥ ରଚନ କଲେ । ତା ସହିତ ଭାରତର ଇତିହାସ, ସରଳ ବ୍ୟାକରଣ, ଅଙ୍କମାଳା ପ୍ରଭୃତି ରଚନା କରି ଓଡିଆ ପୁସ୍ତକର ଚାହିଦା ମେଣ୍ଟାଇଲେ । ସମ୍ଭବତଃ ଏହିସବୁ ରଚନା ନିମନ୍ତେ ସେ ପ୍ରତିଟି ଓଡିଆଙ୍କ ପାଖରେ ବ୍ୟାସକବି ପାଲଟିଗଲେ । ସେ ମଧ୍ୟ ପ୍ରକାଶ କଲେ ବୋଧ ଦାୟିନୀ ପତ୍ରିକା ଏବଂ ବାଲେଶ୍ୱର ସମ୍ବାଦ ବାହିକା । ଦିନରେ ଶିକ୍ଷକତା ଓ ରାତିରେ ପ୍ରେସ । ଏହି ପତ୍ରପତ୍ରିକାରେ ବହୁ ସାହିତ୍ୟିକଙ୍କୁ ସ୍ଥାନଦେଇ ଓଡିଆ ଭାଷା

ଦୃଢ କରିବାରେ ପଦକ୍ଷେପ ଗ୍ରହଣ କଲେ । ଓଡିଆ ଭାଷାରେ ଗଳ୍ପ ଉପନ୍ୟାସ ଲେଖି ସେ କେବଳ ଓଡିଆ ସାହିତ୍ୟକୁ ରୁଦ୍ଧିମନ୍ତ ଓ ସମୃଦ୍ଧ କରିନଥିଲେ, ବରଂ ଆଧୁନିକ ଓଡିଆ ସାହିତ୍ୟର ପ୍ରତିଷ୍ଠାତା ଓ ଆଧୁନିକ ଓଡିଆ ଗଦ୍ୟସାହିତ୍ୟର ଜନକଭାବେ ମଧ୍ୟ ସେ ପରିଚିତ ହେଲେ । ଫକୀରମୋହନଙ୍କ ଲେଖାର ପ୍ରଭାବ ଏପରି ଥିଲା ଯେ, ଇଂଲଣ୍ଡର ଜନୈକ ଇଂରେଜ ସାହେବ ଜେ.ଭି.ବୋଲଟନ ତାଙ୍କ ଉପରେ ଗବେଷଣା କରି ଡକ୍ଟରେଟ ଉପାଧି ଲାଭ କଲେ । ଫକୀର ମୋହନଙ୍କ ଉପରେ ସେ ଦୁଇଗୋଟି ପୁସ୍ତକ ମଧ୍ୟ ରଚନା କଲେ । ଫକୀର ମୋହନଙ୍କ ଆତ୍ମ ଚରିତ କୁ ମାଇଁ ଟାଇମ୍ସ ଏଣ୍ଡ ଆଇ ନାମରେ ଏବଂ ଫକୀର ମୋହନ ସେନାପତି ; ହିଜ ଲାଇଫ ଏଣ୍ଡ ପ୍ରୋଜ ଫିକସନ । ଯେଉଁଗୁଡିକୁ ଓଡିଶା ସାହିତ୍ୟ ଏକାଡେମୀ ପ୍ରକାଶ କରିଛି ୧୯୮୫ ଓ ୧୯୯୩ ମସିହାରେ ।

ପାରିବାରିକ ଜୀବନରେ ଫକୀର ମୋହନ ମାତ୍ର ୧୩ ବର୍ଷ ସମୟରେ ମାଣିଖମ୍ବ ଗ୍ରାମର ଲୀଳାବତୀ ନାମକ କନ୍ୟାକୁ ବିବାହ କରିଥିଲେ । ତାଙ୍କ ନିକଟରୁ ଗୋଟିଏ କନ୍ୟା ମହିଳାମଣିର ଜନ୍ମ ପରେ ଲୀଳାବତୀଙ୍କର ମୃତ୍ୟୁ ହେବାପରେ ସେ କୃଷ୍ଣାକୁମାରୀଙ୍କୁ ବିବାହ କଲେ । ତାଙ୍କ ନିକଟରୁ ପୁତ୍ର ମୋହିନୀମୋହନ ଓ କନ୍ୟା ସରୋଜିନୀଙ୍କର ଜନ୍ମ ହୁଏ । ଏହି ଦ୍ୱିତୀୟ ପତ୍ନୀଙ୍କ ଆଗମନରେ ତାଙ୍କ ଶୁଷ୍କ ଜୀବନରେ ସବୁଜିମା ଭରିଯାଇଥିଲା । ତାଙ୍କରି ଆଗମନନୀରେ ଫକୀରମୋହନଙ୍କ ଜୀବନଚିତ୍ର ଉତ୍କଳୀୟ ସମାଜର ଉତ୍ତୁଙ୍ଗ ଶିଖରକୁ ଉଠିବା ସଙ୍ଗେ ସଙ୍ଗେ ମାଷ୍ଟର ଫକୀର ମୋହନରୁ ସେ ହୋଇଥିଲେ ଆଧୁନିକ ଓଡିଆ ସାହିତ୍ୟର ବ୍ୟାସକବି----ନୂତନ ଓଡିଆ ସାହିତ୍ୟ ଇତିହାସର ଭଗୀରଥ । ସେ ଥିଲେ ଜଣେ ଅଦ୍ଭୁତ କର୍ମୀ । ଶିକ୍ଷକ ଜୀବନର ବହୁ ସୁଖ୍ୟାତିର ଅଧିକାରୀ ହେବାପରେ ସେ ଓହ୍ଲାଇ ଆସିଥିଲେ ପ୍ରଶାସକର ଭୂମିକାକୁ । ପ୍ରଶାସକ ଜୀବନର ବହୁ ତିକ୍ତ ମଧୁର ଅନୁଭୂତି ତାଙ୍କ ସୃଷ୍ଟି ସମ୍ଭାରକୁ ବିଚିତ୍ରବର୍ଣ୍ଣା କରି ଗଢି ତୋଳିଲା । ସେ ପ୍ରତ୍ୟେକଟି କ୍ଷେତ୍ରରେ ଇତିହାସ ରଚନା କରିବାରେ ସଫଳ ହେଲେ । ୧୮୭୧ରେ ବାଲେଶ୍ୱର କଲେକ୍ଟର ଜନ ବିମସଙ୍କ ପ୍ରସ୍ତାବ ଓ କମିସନର ରେଭେନ୍ସାଙ୍କ ସୁପାରିଶ କ୍ରମେ ନୀଳଗିରିର ଦେଓ୍ୱାନ ରୂପେ ନିଯୁକ୍ତ ହେଲେ । ସେଠାରେ ରାଣୀଙ୍କ ନାମରେ ସଂସ୍କୃତ ଟୋଲଟିଏ ବସାଇ ଶିକ୍ଷାର ପ୍ରସାର କଲେ । ତା'ପରେ ଢେଙ୍କାନାଳ । ଏହିଠାରେ ପ୍ରଥମ ପୁତ୍ରର ମୃତ୍ୟୁ ଏବଂ କିଛି ବର୍ଷପରେ ଦ୍ୱିତୀୟର ଜନ୍ମ ହୁଏ । ଫକୀର ମୋହନଙ୍କ ଅସୁସ୍ଥତା ବଢିବାକୁ ଲାଗିଲା । ଭଲ ହେବାପରେ ଆସିଲେ ଦେବାନ ହୋଇ । ଓକିଲ ମଧୁସୂଦନ ଦାସଙ୍କ ଦ୍ୱାରା ବହୁ ଉପକୃତ ହେଲେ । ଦ୍ୱିତୀୟଥର ଦେବାନ ହେଲେ ଡମପଡାରେ । ଏହି ସମୟରେ ପତ୍ନୀ ବିୟୋଗ । ମ୍ରିୟମାଣ ଫକୀର ମୋହନ ଲେଖିଲେ ଶୋକ କବିତା ଉପହାର । ୧୮୭

ବନସ୍ତେ ଡାକିଲା ଗଜ ..

ରଜ ସଜ ମଉଜ

ବିପିନ ବିହାରୀ ମହାନ୍ତି
ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ଜଟଣୀ
ଦୂରଭାଷ : ୯୯୩୮୩୪୪୧୩୮

ରଜ ହିନ୍ଦୁ ଓଡ଼ିଆମାନଙ୍କର ଜାତୀୟ ପର୍ବ। ଏହି ପର୍ବ ଭାରତରେ ଅନ୍ୟତ୍ର ପ୍ରାୟ ଦେଖାଯାଏ ନାହିଁ। କିନ୍ତୁ ସମସ୍ତ ଓଡ଼ିଆ ହିନ୍ଦୁମାନେ ଯେଉଁଠି ବସ କରୁଥାଆନ୍ତୁ ନା' କାହିଁକି, ସେମାନେ ଏହାକୁ ପାଳନ କରନ୍ତି। ଏହା ଓଡ଼ିଆ ହିନ୍ଦୁଘରେ ସାଧାରଣ ଅଖ୍ୟାତ ପୁରପଲ୍ଲୀରୁ ପ୍ରଖ୍ୟାତ ନଗରୀଯାଏଁ ପାଳିତ ହୁଏ।

ଏହି ପର୍ବ ଜ୍ୟୋତିଷ ବିଦ୍ୟାର ପାଞ୍ଜି ଗଣନା ଅନୁସାରେ ଜ୍ୟେଷ୍ଠ କିମ୍ବା ଆଷାଢ଼ ମାସରେ ପଡ଼େ ଅଥବା ଏହି ଦୁଇମାସର ସନ୍ଧିକ୍ଷଣରେ ପଡ଼ିଥାଏ। ଏହା ସୂର୍ଯ୍ୟ ସିଦ୍ଧାନ୍ତ ଅନୁଯାୟୀ ସଂକ୍ରାନ୍ତି ଘରକୁ ଧରି ପାଳିତ ହୁଏ। ରଜ ମୁଖ୍ୟତଃ ତିନି ଦିନ ପାଳିତ ହେଲେ ହେଁ, ଏହା ଚାରିଦିନ ଧରି ପାଳିତ ହୋଇଥାଏ। ପ୍ରଥମ ରଜ, ବୃଷ ରାଶିରେ ଶେଷ ଦିନ, ମଧ୍ୟ ରଜ, ମିଥୁନ ସଂକ୍ରାନ୍ତି ବା ମିଥୁନ ପ୍ରଥମ ଦିନ ଏବଂ ଶେଷ ରଜ ବା ଭୂମି ଦହନ, ମିଥୁନ ଦ୍ୱିତୀୟ ଦିନ ପଡ଼େ। ମଝି ରଜକୁ ସଂକ୍ରାନ୍ତି ମଧ୍ୟ କୁହନ୍ତି। ମିଥୁନ ତୃତୀୟ ଦିନକୁ ଠାକୁରାଣୀ ବୁଢ଼ ବା ବସୁମତୀ ସ୍ନାନ କୁହାଯାଏ।

ଶାସ୍ତ୍ର ଅନୁସାରେ : -

ଏହି ପର୍ବଟି କୃଷି ସଂପର୍କିତ ଅଟେ। ଶାସ୍ତ୍ରମତେ ମା' ଧରିତ୍ରୀ ଏହି ତିନିଦିନ ଧରି ରତୁମତୀ ବା ରଜସ୍ୱଳା ହୁଅନ୍ତି। ତେଣୁ ଉକ୍ତ ତିନିଦିନ ଧରି ପୃଥିବୀ ମା'କୁ ଧର୍ଷଣ ବା କର୍ଷଣ କରାଯାଏ ନାହିଁ। ଅପରନ୍ତୁ ପୂର୍ଣ୍ଣ ବିଶ୍ରାମ ଦିଆଯାଏ ଏବଂ ପୂଜା କରାଯାଏ। ଏଇଥିପାଇଁ ହଳ ଇତ୍ୟାଦି କର୍ମ ନିଷେଧ କରାଯାଇଛି। ଏମିତି କି କିଛି କରାଯିବ ନାହିଁ ଯେଉଁଥିରେ ମୃତ୍ତିକା ସ୍ଖଳନ ବା ଦହନ ହେବ। ଚାଲିବାରେ ବି ସତର୍କତା କରାଯାଇଛି ଯେ ଧୂଳି ନଉଠୁ ବା ନ ଉଡୁ। ଅର୍ଥାତ୍ ଭୂମିର ଖନନ ନହେଉ।

ଏ ମାଟି ମା'। ନାରୀ ଜାତି ବି ଆମର ମା'। ଏଣୁ ରଜ ପର୍ବଟି ମା' ବା ସ୍ତ୍ରୀ ଜାତିମାନଙ୍କର ମହାନ ପର୍ବ। ଏଥିପାଇଁ ବିଧିକ୍ରମେ ସ୍ତ୍ରୀ ଜାତିକୁ ନାନା କର୍ମକର୍ମାଣୀରୁ ଏହି ପର୍ବରେ ବାରଣ କରାଯାଇଛି। ରଜ ପର୍ବ ସଂକ୍ରାନ୍ତି ଘରକୁ ବିଚାର କରି ସୂର୍ଯ୍ୟସିଦ୍ଧାନ୍ତ ଅନୁଯାୟୀ ପାଳନ ହେଉଥିବାରୁ ଶ୍ରୀ ମନ୍ଦିରରେ 'ଦ୍ୱି-ଅୟନ' ପର୍ବ ପାଳନ ହୁଏ। ଯଥା ମକର ସଂକ୍ରାନ୍ତିକୁ ଉତ୍ତରାୟନ ଏବଂ କର୍କଟ ସଂକ୍ରାନ୍ତିରୁ ଦକ୍ଷିଣାନ ପର୍ବ ପାଳିତ ହୁଏ। ସେହିପରି ଅନ୍ୟାନ୍ୟ ସଂକ୍ରାନ୍ତିମାନେ ମଧ୍ୟ ଏହି ଗତିଦ୍ୱାରା ପ୍ରଭାବିତ।

କୁହାଯାଇଛି ଯେ, 'ଯଥା ଦେହେ, ତଥା ଦେବ।' ଜଗନ୍ନାଥ ଓଡ଼ିଆ ଜାତିର ଆରାଧ୍ୟ ଲୌକିକ ଦେବତା। ଓଡ଼ିଆ ହିନ୍ଦୁ ପରିବାରର ସମସ୍ତ ନୀତି ନିୟମ, ପରମ୍ପରା ଓ ଚଳଣି ଜଗନ୍ନାଥ ସଂସ୍କୃତି ସହିତ ନିହିତ। ଏଣୁ ଜଗନ୍ନାଥଙ୍କ ପାଇଁ ଯାହା ସତ୍ୟ, ଏ ମଣିଷ ପାଇଁ ତାହାହିଁ ସତ୍ୟ। ଜଗନ୍ନାଥ ମଧ୍ୟ ଏ ସଂକ୍ରାନ୍ତି ଚଳନ ଓ ଗ୍ରହକୁଟର ଶିକାର ହୁଅନ୍ତି ଠିକ୍ ଆମ ପରି। ମିଥୁନ ସଂକ୍ରାନ୍ତି ଚଳଣରେ ମଧ୍ୟ ସେହି ପ୍ରଭାବ ଥାଏ। ଗ୍ରହମାନଙ୍କର କୁପ୍ରଭାବ ପାଇଁ ମନ୍ଦିରରେ ମଧ୍ୟ ପୂଜାପାଠର ବ୍ୟବସ୍ଥା ଅଛି।

ମିଥୁନଂ ତୁ ପରିତ୍ୟଜ୍ୟ ଯଦା
କର୍କଟ ଗୋ ରବିଃ
ଅୟନାଖଂ ହରେଃ ପୂଜା
କୁର୍ଯ୍ୟାନୁଂଜ ପ୍ରାପ୍ତୟେ ॥

ରଜରେ ବିଶେଷକରି ସଂକ୍ରାନ୍ତିରେ ଅନେକ କାର୍ଯ୍ୟ ବାରଣ କରାଯାଇଛି। ଯଥା ଯଜ୍ଞାଦି କାର୍ଯ୍ୟ, ହଳ, କୃଷି କାର୍ଯ୍ୟ ଇତ୍ୟାଦି କାରଣ ଏହାର କୁପ୍ରଭାବ ଅଛି।

ଚନ୍ଦ୍ର କ୍ଷୟ ସଂକରାନ୍ତି ଏକାଦଶୀ ମାତ୍ର
ହରିଜନ୍ମ ଦେବ ସ୍ନାନ ଶ୍ରୀ ଗୁଣ୍ଡିଚା ଯାତ
ପର୍ବ ଦିବସମାନଙ୍କର ହଳର ପ୍ରଭାବ
କରିବ ନାହି କେବେ ଜାଣିଥା ନିଶ୍ଚୟ ॥

ଆମ୍ଭମାନଙ୍କର ପରି ପ୍ରଭୁମାନଙ୍କର ରାଶି ନକ୍ଷତ୍ର, ଘାତ ଚନ୍ଦ୍ର ଏବଂ ଶୁଭ ବେଳା ଇତ୍ୟାଦି ଅଛ। ବଳଭଦ୍ର, ଜଗନ୍ନାଥ ଓ ମା' ସୁଭଦ୍ରାଙ୍କର ଯଥାକ୍ରମେ ଶ୍ରବଣା-ମକର ରୋହିଣୀ - ବୃଷ ଏବଂ ଜ୍ୟେଷ୍ଠା - ବିଛା ଅଟ। ଏମାନେ ମଧ୍ୟ ଏହି ରାଶି ନକ୍ଷତ୍ର ନେଇ ରଜ ସଂକ୍ରାନ୍ତି ଧରି ସଂକ୍ରମିତ। ଏଣୁ ଜଗନ୍ନାଥଙ୍କ ଜ୍ୟୋତିଷ ସେବକମାନେ ପ୍ରତ୍ୟେକ ଦିନ ପ୍ରତ୍ୟୁଷ ଅବକାଶ ସମୟରେ ଏହି ଦୈନନ୍ଦିନ ରାଶିଫଳ ଓ ଗ୍ରହମାନଙ୍କର ପ୍ରଭାବ ଓ ତା'ର ପ୍ରତିକାର ପ୍ରଭୁମାନଙ୍କୁ ଶୁଣାଇ ଦିଅନ୍ତି।

ପହିଲି ରଜ :-

ବୃଷ ଶେଷ ଦିନକୁ ପହିଲି ରଜ କୁହାଯାଏ। ଏହି ରଜରେ ହଳ ପ୍ରବାହ, ଭୂମି ଖନନ, ସମସ୍ତ କୃଷି କାର୍ଯ୍ୟ ଏବଂ ଶୁଭ ହୋମ କର୍ମାଦି ଇତ୍ୟାଦି ତିନିଦିନ ପାଇଁ ନିଷେଧ ହୋଇଥାଏ। ଏହି ଦିନ ଠାରୁ

ଖୋର୍ଦ୍ଧା ବରୁଣାଇ ଠାକୁରାଣୀ, ଭୂଷଣ୍ଡପୁର ଉଗ୍ରତାରା, ସାଲେପୁର ଶ୍ୟାମ ସୁନ୍ଦର ମହାପ୍ରଭୁ ଏବଂ ଓଲାଭର ବ୍ରହ୍ମଚର୍ଯ୍ୟ ପୀଠରେ ତିନି ଦିନ ଧରି ରଜପର୍ବ ମହାସମାରୋହରେ ପାଳିତ ହୁଏ। ଏଥିରେ ଲକ୍ଷ ଲକ୍ଷ ଲୋକଙ୍କର ସମାଗମ ହୁଏ। ଏହି ଦିନ ଠାରୁ ପୃଥିବୀ ମା'ଙ୍କର ରଜସ୍ୱଳା ଆରମ୍ଭ ହୁଏ।

ମିଥୁନ ଲଗ୍ନରେ ଧରିତ୍ରୀ ମାତା ରଜସ୍ୱଳା ହେଲେ, ଚାଷ ପାଇଁ ଅନୁକୂଳ। ଆଗକୁ ବର୍ଷାଫସଲ ଋତୁ। ଏହାକୁ ସ୍ତ୍ରୀ କୁସୁମ ଋତୁ ମଧ୍ୟ କହନ୍ତି। ଏହି ସମୟରେ ସ୍ତ୍ରୀମାନେ ରଜସ୍ୱଳା ହେଲେ ଶୁଭ ଲକ୍ଷଣଯୁକ୍ତ ହୁଅନ୍ତି।

ମିଥୁନ ଲଗ୍ନରେ ସୁଖବଳୀ
ହୁଏ କର୍କଟରେ ଦୁଇକୁଳ
ଆନନ୍ଦ କରାଏ ସିଂହ ଲଗ୍ନ
ହେଲେ ଏକ ପୁତ୍ର ରସେ ସ୍ଥଳ।
ଅଥଚ ରଜ ସମୟରେ ପ୍ରଥମ
ରଜସ୍ୱଳା ହେଲେ ନାରୀଟି
କୁଳଟା, ହୀନମତି ଏବଂ ଅତୀବ
ରତିପ୍ରିୟ ପୁତ୍ରବତୀ ହୁଏ।

ଦ୍ୱିତୀୟ ରଜ :- ରଜର ଦ୍ୱିତୀୟ ଦିନହିଁ ମିଥୁନ ସଂକ୍ରାନ୍ତି। ଉକ୍ତଦିନ ଭୋରୁ ଭୋରୁ ଗୃହିଣୀମାନେ ନିଜ ଘରର ବାହାର କାନ୍ଥରେ ତିନି ବା ଚାରି ଆଙ୍ଗୁଳିର ଚୁନ କିମ୍ବା ଗୋବରରେ ଗାର ଲେପନ କରନ୍ତି। ଏହା ସାପ ଇତ୍ୟାଦି ଲମ୍ବା ଜନ୍ତୁଙ୍କୁ ଘରେ ପ୍ରବେ କରିବାରେ ବାରଣ କରେ ବୋଲି କଥିତ ଅଛି। ଏହା ମଧ୍ୟ ବୈଜ୍ଞାନିକ ସତ୍ୟ। ଲକ୍ଷ୍ମଣ ରେଖାପରି ଚକ୍ ଖଡ଼ି ବା ଚୂନର ରେଖାରେ କାମକରେ ଏବଂ ଗୋବର ଦେଲେ ସାପ ପ୍ରବେଶ କରେ ନାହିଁ। ଏହା ପରୀକ୍ଷିତ ସତ୍ୟ ଯେ ସାପ ଗାତ ପାଖରେ କଞ୍ଚା ଗୋବର ଅଥବା ଗୋବର ମୃତ ବା ଗୋବର ପାଣି ପକାଇଲେ ସାପ ରୁହେ ନାହିଁ।

ରଜ ପାଇଁ ବିଶେଷ କାର୍ଯ୍ୟକ୍ରମ:-

ଏହିଦିନ ସମସ୍ତ ପ୍ରକାର ହୋମ ଯଜ୍ଞାଦି ନିଷେଧ। ଏହି ଦିନ ଖୋର୍ଦ୍ଧା ପାଇକ ସମାଜର ସମର କୌଶଳ ପାଇକ ଖେଳ ଏବଂ ଢେଙ୍କାନାଳ ସୁର ପ୍ରସାଦ ସ୍ମୃତି ପରିଷଦ ଆନୁକୂଲ୍ୟରେ ପାଇକ ଆଖଡ଼ାର ଯାବତୀୟ କୌଶଳ ପ୍ରଦର୍ଶନ କରାଯାଏ। ରଜ ସଂକ୍ରାନ୍ତିରେ ପ୍ରଭୁଙ୍କର ଜନ୍ମଦିବସ ପଡ଼ିଲେ ଅର୍ଥାତ୍ ଦେବସ୍ନାନ ପୂର୍ଣ୍ଣିମା ପଡ଼ିଲେ, ଏହି ଦିନ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଏବଂ କଣ୍ଟିଲେ। ନୀଳ ମାଧବଙ୍କର ସ୍ନାନଯାତ୍ରା ହୁଏ। ଦ୍ୱାଦଶୀ ପଡ଼ିଲେ ଚମ୍ପକ ଦ୍ୱାଦଶୀ ପାଳନ ହୁଏ।

ତୃତୀୟ ରଜ :- ମିଥୁନ ୨ୟ ଦିନକୁ ତୃତୀୟ ରଜ ବା ଭୂମି ଦହନ ବା ଶେଷ ରଜ କୁହନ୍ତି। ଅଦ୍ୟ ଶ୍ରୀ ମନ୍ଦିରରେ ବିଶ୍ୱାବସୁ ଦଇତାପତିମାନଙ୍କର ସେବା ପ୍ରବେଶ। ଏହିଦିନ ମଧ୍ୟ ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୁଏ। ଅବଶ୍ୟ ଏହା ତିଥିବାର ନକ୍ଷତ୍ରର ଗଣନା ଅନୁଯାୟୀ ତୃତୀୟ ରଜ ଏବଂ ଶିବ ବିବାହ ଗୋଟିଏ ଦିନରେ ପଡ଼ିଲେ ଶ୍ରୀକ୍ଷେତ୍ରର ନୀତିରେ ମଧ୍ୟ ପରିବର୍ତ୍ତନ ହୁଏ।

ଚତୁର୍ଥ ରଜ :- ମିଥୁନ ୩ୟ ଦିନକୁ ବସୁମତୀ ସ୍ନାନ ବା ଠାକୁରାଣୀ ବୁଢ଼ କୁହାଯାଏ। ଏହିଦିନ ମାଟି ମା' ପାଇଁ ବିଭିନ୍ନ ଫଳ ପୂଜାର ବ୍ୟବସ୍ଥା ଥାଏ। ପ୍ରଥମେ କୃଷିର ସିନ୍ଦୁର ଲିପା ପୂଜା ଏବଂ ତା' ପରେ ଲଙ୍ଗଳ ପୂଜା ହୁଏ। ବସୁମତୀଙ୍କୁ ଚନ୍ଦନ ଚର୍ଚ୍ଚିତ ସୁଗନ୍ଧ ପାଣିରେ ସିଞ୍ଚନ କରାଯାଏ। ରଜ ପାଇଁ କଟକଣା :- ଠାକୁରଙ୍କୁ ନେଇ ଆମେ ରଜରେ ଶ୍ରୀ ମନ୍ଦିରରେ ଠାକୁରଙ୍କର ନୀତିରେ ଯେପରି ପରିବର୍ତ୍ତନଶୀଳ ଯଥା - ଖାଦ୍ୟ ନିଷେଧ ବା ଗ୍ରହଣୀୟ ଏବଂ ପିଠାପଣା ଇତ୍ୟାଦିର ବ୍ୟବସ୍ଥା ଅଛି, ମନୁଷ୍ୟମାନଙ୍କର ଠିକ୍ ସେହିଭଳି ପାଳନୀୟ। ପୋଷାକ, ପରିଚ୍ଛଦ ଏବଂ ମେଳା ମହୋତ୍ସବ ଇତ୍ୟାଦି ମଧ୍ୟ ଅନୁରୂପ। ରଜ ଏକ ଆନନ୍ଦ ଦାୟକ ପ୍ରମୋଦର ପର୍ବ। କର୍ମକ୍ଲାନ୍ତ ଜୀବନ ଭିତରେ ସ୍ତ୍ରୀ-ପୁରୁଷଙ୍କୁ ସାମୟିକ ଅବସର ଦେଇ ଆନନ୍ଦ ଉଲ୍ଲାସରେ ମଜେଇ ରଖିବାରେ ଏହା ଏକ ସାମାଜିକ ବ୍ୟବସ୍ଥା।

ରଜରେ ସମସ୍ତ ଚିରାଚରିତ ଦୈନନ୍ଦିନ କାର୍ଯ୍ୟକ୍ରମ ଏକ ପ୍ରକାର ପରିବର୍ତ୍ତନ। ନାରୀ ଜାତି ପାଇଁ ବହୁ କଟକଣା। ଯେମିତି କଦଳୀ ବାସୁଙ୍ଗା ବା ଗୁଆ ଖୋଳପା ଲଗାଇ ଚାଲିବା, ସଂଧ୍ୟା ପୂର୍ବରୁ ଖାଇବା, ଅନୁଢ଼ା କୁମାରୀମାନେ ରଜସ୍ୱଳା ହେଲେ ପିଠା ଓ ଫଳ ଖାଇ ଆଗାମୀ ନାରୀତ୍ୱର ତାଲିମ ନେବା ଇତ୍ୟାଦି ଇତ୍ୟାଦି।

ଏହି ପର୍ବରେ କଟାକଟି ଓ ବଟାବଟିର ବିଶେଷ କଟକଣା ଥିବାରୁ ନାରୀମାନେ ରଜ ପୂର୍ବଦିନଠୁ ପ୍ରାୟତଃ ଗୁଡ଼ାଏ ବଟାବଟି ଓ କଟାକଟି କାମ ସାରିଦେଇଥାଆନ୍ତି। ଅନେକ ମଧ୍ୟ ରଜ ତିନିଦିନ ରହିଲାପରି ଛଣାଛଣି ପିଠାପଣା କରି ସାଇତି ରଖିଥାଆନ୍ତି। ଏମିତିକି ବଟାବଟି ଉପରେ ବିଶେଷ ନିର୍ଭର ନକରି ମସଲା ସବୁକୁ ଗୁଣ୍ଡକରି ସାଇତି ରଖିଥାଆନ୍ତି। ଅର୍ଥାତ୍ ରଜରେ ଶୁଖିଲା ଖାଦ୍ୟ ଉପରେ ବିଶେଷ ନିର୍ଭର କରାଯାଏ।

ରଜର ସବୁକିଛି ସ୍ୱତନ୍ତ୍ର: ରଜ ସଜରେ ନୂଆପୋଷାକ, ନାରୀମାନଙ୍କ ପାଇଁ ଅଳତା, ସିନ୍ଦୁର ଓ ଚନ୍ଦନର ସମ୍ଭାର, ଅଳଙ୍କାର ଓ ଫୁଲର ପସରାକୁ ବିଭୁଷଣ ଦେଖାଇ ଦେଖାଇ ଏଘର ସେଘର ବୁଲିବା, ଚନ୍ଦନ ଓ ଅତରର ଟିପାରେ କପାଳକୁ ସୁନ୍ଦର ଭାବରେ ସଜାଇବା; ଗୋଡ଼ରେ ଅଳତା ଓ ନଖରେ ନେଲପଲିସ୍ ଦେବା, ଓଷ୍ଠରେ ଲିପ୍‌ଷ୍ଟିକ୍ ଓ ସୁନ୍ଦର କେଶବିନ୍ୟାସର ପରିପାଟି ତଥା ଅନ୍ୟାନ୍ୟ ଭୂଷଣର ସଜ୍ଜିକରଣର ଚମତ୍କାରିତାରେ ନାରୀଜାତି ଯେମିତି ବିଭୋର।

ରଜ ପିଠା : - ଘରେ ଘରେ ନାନା ପିଠା : ରଜ ମଣ୍ଡା, ରଜ କାକରା, ରଜ ଏଣ୍ଡୁରି, ରଜର ଛେନା ଓ ଲାଉ ପୋଡ଼, ରଜ ଆରିଶା ଏମିତିକି ପାଣିପଣା ବି ରଜର। ଯଥା ରଜ ପଣା, ରଜ ଘାଣ୍ଟ, ସେହିପରି ରଜ ଭାର ଯାହାକି ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ। ଅଦା, ଯୁଆଣି, ଗୁଜରାତି ଏବଂ ଲବଙ୍ଗ ଇତ୍ୟାଦି ଦେଇ ମୁଆଁ ଭୂଜାଠୁ ଆରମ୍ଭକରି ରଜ ପିଠା ସବୁ ସ୍ୱତନ୍ତ୍ର। ଏସବୁ ଖାଲି ନିଜ ପାଇଁ ନୁହେଁ - ଦିଆ ନିଆକୁ; ଚଖାଚଖିକୁ। ଏଘର ପିଠା ସେ ଘର ଏବଂ ସେଘର ପିଠା ଏଘର। କାହାର ପିଠା କେମିତି ? ଖାଲି ପିଠା ନୁହେଁ ରଜର ଭୁଜା; ମୁଢ଼ି ଭୁଜା, ଚୂଡ଼ା ଭୁଜା ଇତ୍ୟାଦି ଇତ୍ୟାଦି।

ରଜପାନ :- ପାନତ ପାନ ରଜପାନ, ମିଠା ପାନ, ଖିଲିପାନ। ମହକୁଥିବ ପାଟି ତା' ବାସ୍ନାରେ।

ରଜଯାତ୍ରା :- ତହିଁକି ବଳାଇଯାଏ ରଜ ଯାତ୍ରା। ବେଶ ଉପଭୋଗ୍ୟ - ଯା' ବୁଲି ବରୁଣାଇ, ଯା' ଉଗ୍ରତାରା, ଯା' ରାମଚଣ୍ଡୀ ନୋହିଲେ ପାଖ ଗାଁ ଯାତ୍ରା ଦେଖି। ଗାଁରେ ଗାଁରେ ରଜ ପାଲା, ଦାଶକାଠିଆ, ନାଟକ, ସୁଆଙ୍ଗ, ଭାଷଣବାଜି, ଆଲୋଚନା, କବିତା ପାଠୋତ୍ସବ ଏବଂ ଏଣିକି ଚାଲିଲାଣି ଭିଡ଼ିଓ ସୋ। ମଉଜ ମଜ୍ଜଲିସ୍ ବି ବାଳଏ। ଗାଁ ଚଉତରା କି ଆଖଡ଼ା ଘରେ ତାସ୍ କି ପଶା। କାହା ବାରଣ୍ଡା କି ଢ଼ିଙ୍କିଶାଳରେ ଲୁଡୁ କିମ୍ବା ଗୋଡ଼ିଖେଳ। ସମୟ ନେଇ ଗାଁ ଯୁବକମାନଙ୍କର ଗାଁ ମୁଣ୍ଡ କି ସ୍କୁଲ ପଡ଼ିଆରେ କବାଡ଼ି, ବାଗୁଡ଼ି କି ଏବେକୁ କ୍ରିକେଟ ଖେଳ। ଖାଲି ଏମିତି ସେମିତି ଖେଳ ନୁହେଁ। ଇଏ ରଜ ଖେଳ। ବାଜା ବାଜେ। ବାଜାବାଲା ବାଜାରେ ମସ୍‌ଗୁଲ, ଖେଳୁଆଡ଼ ମଧ୍ୟ ଖେଳରେ ମଉଆଲ। ପାଇକ ଆଖଡ଼ାରେ ଚମକାଏ ଗାଁ ଦାଣ୍ଡ। ଦୁନ୍ଦୁବି ତା' ବାଜରା ନାଁ। କୋଉଠି କୋଉଠି ଚାଲିଥାଏ ବାଜି। ଜୁଆଖେଳ। କାହାର କଚେ ପୁଅ ବାର ତ' କାହାର ସର୍ବନାଶ। ଇଏବି ରଜ।

ସବୁଠୁ ଉପଭୋଗ୍ୟ କୁମାରୀମାନଙ୍କର ପୁଚି ଖେଳ : ପୁଚି ଯା' ଘୁଞ୍ଚୁ... ତହିଁକି ବଳାଏ ରଜଦୋଳି। ଏ ଦୋଳି ଯେମିତି ଉପଭୋଗ୍ୟ ତାଠୁ ଶ୍ରୁତି ମଧୁର ତା' ଗୀତ।

ଦୋଳି ହୁଏ ରଟ ରଟ
ମୋ ଭାଇ ମୁଣ୍ଡରେ ସୁନା ମୁକୁଟ
ସୁନା ମୁକୁଟ ଲୋ, ଦିଶୁଥାଏ ଝଟଝଟ।
ବନସ୍ତେ ଡାକିଲା ଗଜ
ବରଷକେ ଥରେ ଆସିଛି ରଜ
ଆସିଛି ରଜଲୋ,
ଘେନ ନୂଆ ସଜବାଜ।
ରଜର ଗୋଟାଏ ସ୍ୱତନ୍ତ୍ର ପାଗ ଅଛି।
ମେଘୁଆ ପାଗ ଅନୁକୂଳ।
ପାଗ ବର୍ଷା ହେଲେ ସବୁ ବିଗିଡ଼ି ଯାଏ:
ସଜନୀଲୋ, ମଉସୁମୀ ଗଲା ବଦଳି
ସାବଧାନ ଏବେ ନହେଲେ ବାଦଲ
ରଜ ସଜ ଦେବ ଉଜାଡ଼ି ॥

କେହି କେହି ବି ରଜ ଭ୍ରମଣରେ ଯାଆନ୍ତି। ରଜ ସାମାଜିକ ଓଡ଼ିଆ ହିନ୍ଦୁ ଚଳଣିରେ ସଂପୂର୍ଣ୍ଣ ଭାବରେ ଉପଭୋଗ୍ୟର ପର୍ବ। ଏହା କୃଷି ସମ୍ବନ୍ଧୀୟ ଏକ ହିନ୍ଦୁ ଓଡ଼ିଆ ଜାତୀୟ ପର୍ବ। କଥାରେ କୁହନ୍ତି ଆଉ ସେ କାଳ ପଖାଳ ନାହିଁ। ଏବେ ଜାତୀୟକରଣ ଭିତରେ ଓଡ଼ିଆ ଓ ଓଡ଼ିଶାର ପାଣିପାଗ ବଦୁଳିଛି। ଆମେ ରଜଗୀତ ଭୁଲି ଗଲୁଣି ରଜ ସହ। ଏହା ଏବେ ବିଧିସର୍ବସ୍ୱ, ଜୀବନସର୍ବସ୍ୱ ନୁହେଁ। ଆମେ କ'ଣ ସତରେ ଏ ପରମ୍ପରା ଓ ଚଳଣୀର ଇତି ଟାଣିଦେବା ଆଉ ଜାବୁଡ଼ି ଧରିବା କନାକୁ। ଆଉ କ'ଣ ପୂର୍ବପରି ସରାଗର ସହ ରଜକୁ ଅପେକ୍ଷା କରିବା ନାହିଁ।

ଓଡ଼ିଶାର ଗଣ ପର୍ବ ରଜ ପର୍ବ

ବିଶ୍ୱବିଜୟୀ ଦାଶ
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍ ନଂ- ୭୫୨୦୩୫
ଫୋନ ନଂ- ୬୩୭୦୨୦୮୪୨୮

ଓଡ଼ିଶା ଏକ ଐତିହ୍ୟ, କଳା, ସଂସ୍କୃତି ଓ ପରମ୍ପରା ର ରାଜ୍ୟ। ଓଡ଼ିଶାରେ ୧୨ ମାସ ୧୩ ପର୍ବ ପାଳିତ ହେଉଥିବା ବେଳେ ରଜ ପର୍ବ ଅନ୍ୟତମ ଗଣ ପର୍ବ ଭାବେ ପାଳିତ ହୋଇଥାଏ। ରଜ ଏକ ଐତିହାସିକ, କୃଷିଭିତ୍ତିକ, ଆଧ୍ୟାତ୍ମିକ ଭରା ପାରମ୍ପରିକ ପର୍ବ। ଏହା ତିନିଦିନ ଧରି ପାଳନ କରାଯାଇଥାଏ। ଏହାର ଦ୍ୱିତୀୟ ଦିନରେ ମିଥୁନ ମାସର ଆରମ୍ଭ ଓ ଏହା ପରେ ବର୍ଷା ଋତୁ ଆରମ୍ଭ ହୁଏ । ରଜ ସଂକ୍ରାନ୍ତିର ପୂର୍ବଦିନ ପହିଲି ରଜ, ଦ୍ୱିତୀୟ ଦିବସ ହେଉଛି ରଜ ସଂକ୍ରାନ୍ତି, ତୃତୀୟ ଦିବସ ହେଉଛି ଭୂମିଦାହ ବା ଭୂମି ଦହନ, ଚତୁର୍ଥ ତଥା ଅନ୍ତିମ ଦିବସ ହେଉଛି ବସୁମତୀ ସ୍ନାନ। ଏହା ସହିତ ପହିଲି ରଜର ପୂର୍ବ ଦିନ ହେଉଛି ସଜବାଜ। ଏହିପରି ମୋଟ ଉପରେ ରଜ ପାଞ୍ଚଦିନ ପାଳନ ହୋଇଥାଏ ଓଡ଼ିଶା ର ଗାଁ,ସହର ଓ ପୁରପଲ୍ଲୀରେ।

ରଜ ଚାଷର ଆରମ୍ଭକୁ ସୂଚାଇଥାଏ । ରଜ ଶବ୍ଦର ଆକ୍ଷରିକ ଅର୍ଥ ରଜବତୀ ହେବା, ଯାହା ପୃଥିବୀକୁ ମାତା ଭାବରେ ବିବେଚନା କରି ବର୍ଷାର ଆଗମନରେ ସେ ରଜସ୍ୱଳା ହେବାର ଓ ନୂଆ ଶସ୍ୟ ଜନ୍ମ ହେବାର ସାଙ୍କେତିକ ଭାବ ବହନ କରିଥାଏ। ଏହି ଦିନରେ ଚାଷୀମାନେ ବସୁମତୀ ତଥା ହଳଲଙ୍ଗଳ ପୂଜନ କରିବା ସହ ଚାଷ କାମରୁ ତିନି ଦିନ ପାଇଁ ବିରତି ନେଇଥାନ୍ତି। ରଜରେ ପୋଡ଼ ପିଠା ଓ ପାନ ଖିଆ ସହିତ ଝିଅମାନଙ୍କ ରଜ ଦୋଳି ଓ ପୁଚି ଖେଳ ସହ ପୁଅମାନଙ୍କ ଲୁଡୁ, ତାସ, ବାଗୁଡ଼ି ଆଦି ଖେଳି ଏହି ଦିବସଟି ପାଳନ କରାଯାଇଥାଏ। ମାଟି ଓ ମୌସୁମୀର ମିଳନର ପର୍ବ ରଜ। ପୃଥିବୀର ମାତୃତ୍ୱ କାମନା କରି କରି ସୃଷ୍ଟି ଜୟ ଗୀତଗାନ କରୁଛି କୃଷକ। ଆଦ୍ୟ ଆଷାଢର ପ୍ରଥମ ବାରିପାତରେ ପୃଥିବୀ ଋତୁମତୀ ହୋଇଥିବାରୁ ଖୁସିରେ ଉତ୍ସବ ମୁଖର ହୋଇଉଠୁଛି ସବୁଆଡେ। ଶରୀର ପାଇଁ ବିଶ୍ରାମ ଆଉ ମନ ପାଇଁ ଆନନ୍ଦର ଅବସର ଏହି ରଜ ପର୍ବ । ଦୋଳିରେ ଛୁଟୁଛି- କୁଆଁରୀଙ୍କ ରଜଗୀତର ଲହରା ସ୍ୱର

ପ୍ରଥମ ବର୍ଷାର ପହିଲି ପସରା ମାଟି ଛୁଇଁଲେ, ଆଦ୍ର ହୋଇ ଉଠେ ପୃଥିବୀ । ଶୀତଳତା ଭରିଯାଏ ସବୁଆଡେ । ଯେମିତିକି ବହୁ ଦିନୁ ପ୍ରତିକ୍ଷୀତ ଏଇ ମାଟି- ମେଘ ସହ ରଚି ବସିଛି ଶୃଙ୍ଗାରର ପର୍ବ। ଆଉ ଏହି ଶୁଭ ଅବସରରେ ମଳିନର ଗୀତ ଗାଉଛନ୍ତି ସମସ୍ତେ। କ୍ଷରଜାଇ ମୌସୁମୀ ଆସିବାରେ ପୃଥିବୀ ତିନ୍ତିଛି ପ୍ରଥମ ବର୍ଷାର ସ୍ପର୍ଶରେ। ଆଦ୍ର ହୋଇଛି ମତୀ । ମାଟିର ଭୁରୁଭୁରୁ ଗନ୍ଧ ମହକେଇ ଦଉଛି – ଗାଁ ଭୁଇଁ । ହଳଦୀ ମୁଖା ନିରିମାଖୀ ଦେହରେ ସରଲା ପଲ୍ଲୀବାଳା ସଜେଇ ହୋଇଛି କୁଙ୍କୁମ ଚନ୍ଦନ। ଋତୁମତୀ ଧରାର ସଂକେତ ବହନ କରି ସେ ଆଜି ସମସ୍ତଙ୍କ ପାଇଁ ମହାନିୟା, ବନ୍ଦନୀୟା ହୋଇଛି । ତେଣେ ଅକ୍ଷୟ ତୃତୀୟାରେ ଧାନ ଅନୁକୂଳ କରି ବସିଥିବା ଚାଷୀ କ୍ଷେତକୁ ଯିବାକୁ ପ୍ରସ୍ତୁତ ହୋଇଥିଲେ ବି ଏଇ ପାଞ୍ଚଦିନ ତା ପାଇଁ ବିଶ୍ରାମର ବେଳ। ଏବେ

ଭୁଇଁରେ ଖାଲି ପାଦରେ ଚାଲିବା ମନା, କର୍ଷଣ ବି ମନା। ଫସଲ ଉତ୍ପାଦନ ଭଳି ଗୁରୁତ୍ୱପୂର୍ଣ୍

ଧ୍ୱନି ପ୍ରତିଧ୍ୱନି
୬ ♣ ବାଲେଶ୍ୱର ♣ ସୋମବାର, ୧୪ ଜୁନ୍ ୨୦୨୧

ବରଷକେ ଥରେ ଆସିଛି ରଜ ..

ଉତ୍କଳ ସଂସ୍କୃତି ଓ ପରମ୍ପରାର ପର୍ବ ରଜ

ସସ୍ମିତା ମହାପାତ୍ର
ପାରଳାଖେମୁଣ୍ଡି, ଗଜପତି
ମୋ: ୯୩୪୮୧୭୨୪୫୦

ସଂସ୍କୃତି ପରମ୍ପରା ଓ ଐତିହ୍ୟରେ ମଣ୍ଡିତ ଆମ ରାଜ୍ୟ ଓଡ଼ିଶା। ବାରମାସରେ ତେର ପରବ। କେତେ ଓଷାବ୍ରତ, ପର୍ବପର୍ବାଣୀ ଓ କେତେ ଯାନି-ଯାତରା ଏ ସମସ୍ତ ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ପରିଚାୟକ। ଓଡ଼ିଶାର ବିଭିନ୍ନ ପର୍ବପର୍ବାଣୀ ମଧ୍ୟରେ ରଜ ଏକ ମୁଖ୍ୟ ପର୍ବ। ଆମ ରାଜ୍ୟ ଓଡ଼ିଶା ଏକ କୃଷି ସମୃଦ୍ଧ ରାଜ୍ୟ। ଏହି ମାଟିରେ ପାଳିତ ବହୁ ପର୍ବପର୍ବାଣୀ କୃଷି ସହ ଓତଃପ୍ରୋତ ଭାବେ ଜଡ଼ିତ। କୃଷିଭିତିକ ଗ୍ରାମ୍ୟ ପର୍ବ ରଜ ଓଡ଼ିଶାର ଜନପ୍ରିୟ ପର୍ବ। ଓଡ଼ିଆ ପର୍ବ ରଜ ଓଡ଼ିଆ ସଂସ୍କୃତିର ପରିଚୟ ବହନ କରେ।

ରଜପର୍ବ ରେ ସ୍ୱତନ୍ତ୍ର ବିଧି ଏହା ଓଡ଼ିଶାର ନିଜସ୍ୱ ଆଉ ମାଟି ମାଆର ପୂଜାରେ ଏହାର ପରମ୍ପରା ସମୃଦ୍ଧ। ଏହି ରଜପର୍ବ ପର୍ବ ସହ ଯୋଡ଼ି ହୋଇ ରହିଥାଏ ଖାଇବା ଓ ଖୁଆଇବାର ସଂସ୍କୃତି। ଯାହା ପର୍ବପର୍ବାଣୀ ପାଳନର ଏକ ପ୍ରମୁଖ ଦିଗ। କେତେକ ପୂଜାବିଧି, ପିଠାପଣା ହସଖୁସିରେ ଦୀର୍ଘ ତିନିଦିନ ଧରି ରାଜ୍ୟର ଏମୁଣ୍ଡରୁ ସେ ମୁଣ୍ଡ, ଗାଁ ଦାଣ୍ଡ, ପୁର-ପଲ୍ଲୀ ସବୁଠି ଜାକଜମକରେ ରଜ ପାଳନ ହୁଏ। ସମସ୍ତଙ୍କ ଘରେ ଦେଖାଯାଏ ରଜ ଆସର। ଜ୍ୟେଷ୍ଠ ମାସର ଶେଷ ତିଥି ପହିଲି ରଜ ଓ ଆଦ୍ୟ ଆଷାଢ଼ର ପ୍ରଥମ ଦିନ ସଂକ୍ରାନ୍ତି ହେଉଛି ରଜ ସଂକ୍ରାନ୍ତି ବା ମଝି ରଜ ତା' ପରଦିନ ଶେଷ ରଜ ବା ଭୂମିଦାହ। ଗ୍ରୀଷ୍ମ ଓ ବର୍ଷାର ସନ୍ଧିକାଳରେ ଓଡ଼ିଆ ଜାତି ପାଳନ କରିଥାଏ ରଜପର୍ବ। ଆଷାଢ଼ା ମାସରେ ମାଟି ସହ ମେଘର ମିଳନ ଘଟେ। ଏହି ଦିନଟିରେ ପୃଥିବୀ ବା ବସୁମାତା ରଜସ୍ୱଳା ହୁଏ। ତେଣୁ ବୃଷମାସର ଶେଷ ମାସାନ୍ତ ଓ ମିଥୁନ ମାସର ଆରମ୍ଭକୁ ରଜଦିନ ବୋଲି ପାଳନ କରାଯାଏ। ଏହି ତିନିଦିନ କୃଷିକର୍ମ ନିଷିଦ୍ଧ। ଭୂଇଁରେ କର୍ଷଣ ମନା। ଏଇ କିଛି ଦିନ ସମସ୍ତଙ୍କ ପାଇଁ ମଉଜ ଆଉ ଫୁରସତର ବେଳ। ସମସ୍ତଙ୍କର ମନ, ପ୍ରାଣ ଓ ଶରୀର ପାଇଁ ଆମୋଦକାରୀ ଅବସର। ଏହି ପର୍ବରେ ଘର ପରିବାର ଲୋକ, ଆତ୍ମୀୟ ସ୍ୱଜନ ଓ ବନ୍ଧୁବାନ୍ଧବଙ୍କ ଗହଳିରେ ଖୁସି ଭରିଯାଏ ମନରେ। ଗ୍ରୀଷ୍ମର ପ୍ରଖରତା କମିଗଲା ପରେ ମୌସୁମୀର କଅଁଳ ସ୍ପର୍ଶ ଶିହରିତ କରେ ମାଟିକୁ। ଟୋପା ଟୋପା ମେଘର ଭିଜାମାଟିର ବାସ୍ନାରେ ମହକିଯାଏ ଚତୁର୍ଦ୍ଦିଗ।

ବସୁମତୀ ବନ୍ଦନାର ଋତୁ ଇଏ। ମାଟିକୁ ମା' ରୂପରେ ଦେଖିବାର ସଂକେତ ବହନ କରୁଥିବା ଏହି ରଜରେ କୌଣସି ନାରୀ ତିଦିନିନ ଧରି ପରିବା କଟା, ବଟା, ପାଣିଅଣା କିଛି ବି କରିନଥାନ୍ତି। ପଲ୍ଲୀ ସଂସ୍କୃତିରେ ରଜ ଏକ ବିଶ୍ରାମ ଓ ଆନନ୍ଦର ପର୍ବ। ରଜର ପୂର୍ବ ପ୍ରସ୍ତୁତିକୁ ରଜ ସଜବାଜ କହନ୍ତି। ଏଥିରେ ଘରଦ୍ୱାର ସଫା କରିବା ସହ ବାଡ଼ି ଓ ତୋଟାରେ ରଜଦୋଳି ବନ୍ଧାଯାଏ। ତେଣୁ ଝିଅବୋହୂମାନେ ପହିଲି ରଜରେ ସକାଳୁ ସକାଳୁ ସଜ ହୁଅନ୍ତି ଓ ଆନନ୍ଦରେ ବସି ଦୋଳିରେ ଝୁଲନ୍ତି। ଏହି ତିନିଦିନ କନ୍ୟା ଓ ନାରୀଙ୍କୁ ଗୃହକାର୍ଯ୍ୟରୁ ଅବ୍ୟାହତି ଦିଆଯାଏ।

ରଜ ସଜବାଜ: - ରଜରେ କୁଆଁରୀ ଝିଅମାନେ ନୂଆ ପୋଷାକ ପିନ୍ଧି ମଥାରେ ଚନ୍ଦନଟିପା ଲଗାଇ ସଜ ହୁଅନ୍ତି। ରଜରେ ଅଳତା ରଙ୍ଗରେ ରଙ୍ଗେଇ ହୋଇଯାନ୍ତି ଝିଅବୋହୂମାନେ। ରଜରେ ଓଡ଼ିଆଣୀମାନଙ୍କ ଅଳତା ଲଗା ନିଆରା। ମନକୁ ରଙ୍ଗୀନ ଓ ଜୀବନକୁ ରଙ୍ଗମୟ କରିବା ସ୍ୱପ୍ନରେ ଆନନ୍ଦ ଉଲ୍ଲାସମୟର ସହ ଅଳତା ରଙ୍ଗା ପାଦ ଶୋଭାମୟ କରିଦିଏ ଓ ପରିବେଶକୁ ନୂଆ ବସ୍ତ୍ର ଶାଢ଼ୀ ଓ ନାନାଦି ଅଳଙ୍କାରରେ ସଜାଇ ହୋଇ ହର୍ଷ ଉଲ୍ଲାସରେ ଶଙ୍ଖହୁଳହୁଳିରେ ସଭିଁଏ ସ୍ୱାଗତ କରନ୍ତି ରଜପର୍ବକୁ। ସକାଳୁ ସ୍ନାନକାର୍ଯ୍ୟ ସାରି ସଜବାଜ ହୋଇ ସାଙ୍ଗସାଥୀ ମେଳରେ ରୁଣ୍ଡ ହୋଇ ଗାଁର ସଭିଙ୍କ ଘରୁ ଫଳମୁଳ, ପିଠାପଣା, ରଜପାନ ଯେତିକି ଖିଆଯାଏ ସେତିକି ବଂଟାଯିବା ସହ ରଜଦୋଳିରେ ଝୁଲିବାରେ ସଭିଁଏ ମସଗୁଲ ହୋଇଯାନ୍ତି।

ରଜରେ ପୋଡ଼ପିଠା: - ରଜପର୍ବର ମହତ୍ୱ ସୁଆଦିଆ ପୋଡ଼ପିଠା। ଘରେ ହେଉ ବା ରଜଦୋଳିରେ ସବୁରି ଘରେ ପୋଡ଼ପିଠା ତିଆରି ହୋଇଥାଏ। ରଜରେ ରଜ ପୋଡ଼ପିଠାର ଏକ ସ୍ୱତନ୍ତ୍ରତା ରହିଛି। ଏହା ଅନନ୍ୟ ଓ ଅନୁପମ। ଘରେ ମା'ମାନେ ଅରୁଆ ଚାଉଳ, ନଡ଼ିଆ, ଗୁଡ଼, ଘିଅ, କାକୁ, ଅଳେଇଚ, ଗୋଲମରିଚ, ଛେନା, ପାନମହୁରୀ ଆଦି ମିଶ୍ରଣରେ କଦଳୀ ପତ୍ରରେ ଢ଼ାଙ୍କୁଣୀ ଦେଇ ମିଶ୍ରଣକୁ ଅଜାଡ଼ିଦେଇ ଚୁଲିରେ ବସାଇ ପ୍ରସ୍ତୁତ କରନ୍ତି ଏହି ପୋଡ଼ପିଠା। ଏହା ଖୁବ୍ ରୁଚିକର ଓ ଉପାଦେୟ ମଧ୍ୟ। ଏହାର ବାସ୍ନାରେ ସବୁଆଡେ ମହକିଯାଏ। ଏହି ପିଠା ଖାଇ ରଜର ମଜା ନିଅନ୍ତି ସମସ୍ତେ। ପହିଲି ରଜର ପହିଲି ପୁଲକରେ ସମସ୍ତଙ୍କ ମନ ଖୁସିରେ ବିଭୋର ହୋଇଉଠେ। ରଜ ପୋଡ଼ପିଠା ବାଂଟିବାର ପରମ୍ପରା ଗ୍ରାମ୍ୟ ସଂସ୍କୃତିରେ ଖୁବ ନିଆରା। ଝିଅମାନେ ଦଳ ଦଳ ହୋଇ ପୋଡ଼ପିଠା ଖାଇ ଦୋଳିରେ ଝୁଲିବା ଦୃଶ୍ୟ ଖୁବ୍ ଚିତାକର୍ଷକ।

ରଜ ଦୋଳିର ମଜା :- ରଜରେ ପଲ୍ଲିଭୂଇଁ ଚଳଚଂଚଳ ହୋଇଉଠେ ଦୋଳିଖେଳକୁ ନେଇ। ରଜ କହିଲେ ସଜବାଜ ଆଉ ଦୋଳିଖେଳକୁ ବୁଝାଇଥାଏ। ଓଡ଼ିଶାରେ ବିଭିନ୍ନ ଅଂଚଳରେ ବିଭିନ୍ନ ପ୍ରକାର ଦୋଳି ଦେଖାଯାଏ ଯେମିତି କି ପଟା ଦୋଳି, ଚକ୍ରଦୋଳି, ବାଉଁଶ ଦୋଳି ଖେଳ ଅନୁଷ୍ଠିତ ହୁଏ । ଗାଁ ଆମ୍ବତୋଟା ସାରା ଦୋଳି ଝୁଲିବା ଦେଖିବାକୁ ମିଳେ। ପୁରପଲ୍ଲୀରେ ଦୋଳିଖେଳରେ ଝିଅମାନଙ୍କ ମୁହଁରୁ ଗୀତ ଝରିପଡେ ଦୋଳିଖେଳ ସମୟରେ। "ରଜ ଦୋଳି କଟ ମଟ, ମୋ ଭାଇ ମୁଣ୍ଡରେ ସୁନା ମୁକୁଟ ଲୋ, ଦିଶୁଥାଇ ଝଟ ଝଟ।।"

ରଜ ପାନର ମହତ୍ୱ:- ରଜ ପର୍ବର ଆଉ ଏକ ଆକର୍ଷର ହେଉଛି ପାନ। ପାନ ଓଡ଼ିଆର ପ୍ରାଣ, ଏହା ଓଡ଼ିଆ ସଂସ୍କୃତି ସହ ଜଡ଼ିତ। ପାରସ୍ପରିକ ସ୍ନେହ, ଶ୍ରଦ୍ଧା, ପ୍ରୀତି ଓ ସଦ୍‌ଭାବନାର ସହ ଲୋକଙ୍କ ମଧ୍ୟରେ ପାନ ଦିଆନିଆ ଓ ଖିଆଖୁଇ ହୋଇଥାନ୍ତି। ଓଡ଼ିଆଙ୍କ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କର ମଧ୍ୟ ବିଡ଼ିଆ ପାନ ପସନ୍ଦ । ରଜ ପର୍ବରେ ଖିଲିପାନ ଖାଇବା ଓଡ଼ିଆ ଜାତିର ସଉକ। ଏହାର ସ୍ୱାଦ ନିଆରା। ଏଥିରେ ଗୁଆ ସହିତ ନାନାଦି ପ୍ରକାର ମିଠା ମସଲା ଏହାର ସ୍ୱାଦକୁ ବୃଦ୍ଧି କରିଥାଏ। ଆଉ ମଧ୍ୟ ଅନ୍ୟ ଏକ ଆକର୍ଷଣ ତାସ୍ ଖେଳ। ଗାଁ ମୁଣ୍ଡରେ ଯୁବଗୋଷ୍ଠୀଙ୍କ ମଧ୍ୟରେ ତାସ୍ ଖେଳ, ଲୁଡୁ ପାଲି, ଅନ୍ତାକ୍ଷରୀ, କବାଡ଼ି ଏହିପରି ନାନା ପ୍ରକାରର କ୍ରୀଡ଼ା ହୋଇଥାଏ।

ବସୁମତୀ ସ୍ନାନ:- ମାଟିକୁ ମା' ରୂପରେ ଦେଖିବାର ଓ ବହନ କରିବାର ପର୍ବ ରଜରେ ବସୁମତୀ ସ୍ନାନ ହୋଇ ରଜର ଶେଷ ଦିନ ଉଦ୍‌ଯାପନ ହୁଏ। ରଜର ଚତୁର୍ଥ ଦିବସରେ ଭୂମାତା ଲକ୍ଷ୍ମୀ ସ୍ୱରୂପା ବସୁଧାଙ୍କର ଶୁଦ୍ଧସ୍ନାନ ଓ ପୂଜା କରାଯାଏ ଏହା ସହ ରଜପର୍ବର ଶେଷ ହୁଏ। ଏହି ପର୍ବରେ ନାରୀମାନେ ଭୂମିରେ କାଠପିଢ଼ା, ଶିଳପୁଆ, କୃଷି ଉପକରଣ ରଖି ହଳଦିପାଣି ଢ଼ାଳି ଚନ୍ଦନ, ଧୂପ, ଦୀପ, ନୈବେଦ୍ୟ ସହ ନାନାଦି ଉପଚାରରେ ମହାଲକ୍ଷ୍ମୀଙ୍କ ସ୍ନାନ କରାଯାଏ।

ଆମ ସାମାଜିକ ପରମ୍ପରା ଓ ରୀତିନୀତିର ପରିପ୍ରକାଶ ଏହି ଗଣପର୍ବ ରଜ। ଆଧ୍ୟାତ୍ମିକ ଭାବଧାରାରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ କୃଷିଭିତିକ ପର୍ବ ପାଳନ କରି ଅଗଣିତ ଓଡ଼ିଆ ସଂସ୍କୃତିକ ଚେତନାରେ ଉଦ୍‌ବୁଦ୍ଧ ହୋଇଥାନ୍ତି। କିନ୍ତୁ ଆଜିକାଲି ବ୍ୟସ୍ତବହୁଳ ଜୀବନରେ ରଜପର୍ବର ମାଦକତା ଧୀରେ ଧୀରେ କମି କମି ଆସୁଛି। ଆମ ସଂସ୍କୃତି ଆମ ଠାରୁ କିଛି ଦୂରରେ ବା କାମଚଳା ଚଳଣୀ ପରି ମନେ ହେଉଛି। କିନ୍ତୁ ଅତୀତର ସ୍ମୃତି ଓ ଅନୁଭୂତି ଆମ ମନ, ପ୍ରାଣକୁ ବେଳେବେଳେ ଦୋହଲାଇ ଦିଏ ଏବଂ ଆମ ହୃଦୟ ଭିତରୁ ରଜ ସଜ, ପାନଖିଲି, ରଜଦୋଳି, ପୋଡ଼ପିଠା ଆଦି ମନକୁ ଟାଣିନେଇ ଭରିଦିଏ ସ୍ନେହ, ଶ୍ରଦ୍ଧା, ସଂପ୍ରତି ଓ ଓଡ଼ିଆ ମାନସିକତାକୁ ଜାଗୃତ କରି ସାକାର କରେ ଏହି ରଜ ପର୍ବ।

ଉତ୍କଳୀୟ ସଂସ୍କୃତିରେ ରଜପର୍ବ

ଡକ୍ଟର ମନୋରଞ୍ଜନ ବିଷୋୟୀ
ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ମୋ: ୮୮୯୫୧୪୧୭୭୨୭

ଯୁଗେ ଯୁଗେ ଉତ୍କଳୀୟ ସଂସ୍କୃତି; ମହାଭାରତୀୟ ବିଶାଳ ପରିସର ଭିତରେ ଆପଣାର ସ୍ୱାତନ୍ତ୍ର୍ୟ ପ୍ରତିପାଦିତ କରିଆସିଅଛି । ଏ ସ୍ୱାତନ୍ତ୍ର୍ୟ ମହାଭାରତୀୟତାକୁ ଅସ୍ୱୀକାର କରି ଗଢ଼ି ଉଠିନାହିଁ; ବରଂ କହିବାକୁ ଗଲେ ବିଶାଳ ପରମ୍ପରା ଭିତରେ ଏକ ଭୌଗୋଳିକ ଭୂଖଣ୍ଡରେ ବସବାସ କରୁଥିବା ସମଭାବାପନ୍ନ ଦୃଷ୍ଟିଭଙ୍ଗୀ ଓ ବିଚାରଧାରାକୁ ଆଧାର କରି ଆପଣାର ପରିଚିତି ଉପସ୍ଥାପିତ କରି ଆସିଅଛି । ଉତ୍କଳ ଭୂଖଣ୍ଡ କହିଲେ ଆଧୁନିକ ରାଜନୈତିକ ମାନଚିତ୍ରର ଓଡ଼ିଶା ନୁହେଁ । ଏକଦା ଏହା ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ସୁବିସ୍ତୃତ ହେବା ସହ ଇତିହାସରେ କଳିଙ୍ଗ, କୋଶଳ, ଉଡ୍ର, ଉତ୍କଳ ପରି ନାମରେ ପରିଚିତ ଏକ ସମୃଦ୍ଧ ଅଞ୍ଚଳ ଥିଲା । ଏ ପରିପ୍ରେକ୍ଷୀରେ କହିରଖେ; ଅନେକ ଆଲୋଚକ ଦ୍ରାବିଡ଼ ଭାଷାରେ ଲବ୍ଧ 'ଓଡ୍ର' ମଧ୍ୟରେ ଓଡ଼ିଶାର ସତ୍ତା ଖୋଜିଲା ବେଳେ; ଅନ୍ୟ କେତେକ ତାମିଲ ଭାଷାରେ ଚାଷ କରୁଥିବା ଅର୍ଥରେ ବ୍ୟବହୃତ 'ଉଡୁ' ଓ ଚାଷ କରୁଥିବା ଲୋକଙ୍କୁ 'ଉକ୍‌କଳ' ଏବଂ ସେହି ଧାରାରେ କନ୍ନଡ଼ର ଚଷା ଅର୍ଥରେ ବ୍ୟବହୃତ 'ଓଡ଼ିସ' ଶବ୍ଦ ଭିତରୁ ଓଡ଼ିଶା ଅର୍ଥାତ୍ ଉତ୍କଳକୁ ଖୋଜିବାକୁ ଚେଷ୍ଟା କରିଛନ୍ତି । ଏହି ଦୃଷ୍ଟିରୁ ବିଚାର କଲେ କୌଣସି ନା କୌଣସି ସୂତ୍ରରେ ଉତ୍କଳୀୟ ସଂସ୍କୃତି ସହ କୃଷି ସଂସ୍କୃତି ଓତପ୍ରୋତ ଭାବେ ଜଡ଼ିତ । ସେ ଯାହାହେଉ ସମତଳ, ଉପକୂଳ ଓ ପାର୍ବତ୍ୟାଞ୍ଚଳର ସମନ୍ୱୟରେ ଉତ୍କଳ ବୈଭବଶାଳୀ ହେବା ସହ ଆର୍ଯ୍ୟ, ଦ୍ରାବିଡ଼ ଓ ଶବର ସଭ୍ୟତାର ସଂସ୍କୃତି

ଉତ୍କଳ ଆତ୍ମାକୁ ଦୀପ୍ତିମାନ କରିଆସିଛି । ଏହି ଉତ୍କଳୀୟ ସଂସ୍କୃତିର ଅନ୍ୟ ଏକ ଶ୍ରେଷ୍ଠ ପର୍ବ ଭାବେ 'ରଜ' କାଳ କାଳ ଧରି ପ୍ରଭାବ ବିସ୍ତାର କରି ଆସିଛି । ଯାହା କୃଷିଭିତ୍ତିକ ଏକ ଗଣପର୍ବର ମାନ୍ୟତା ଲାଭ କରିଅଛି । ଏହା ମିଥୁନ ସଂକ୍ରାନ୍ତିର ପୂର୍ବ ଓ ପରଦିନ ପାଳନ କରାଯାଇଥାଏ । ସଂକ୍ରାନ୍ତିର ପୂର୍ବଦିନକୁ ପହିଲି ରଜ, ସଂକ୍ରାନ୍ତିକୁ ରଜ ସଂକ୍ରାନ୍ତି ଓ ସଂକ୍ରାନ୍ତିର ପରଦିନକୁ ତୃତୀୟ ରଜ ବା ଭୂଦାହ କୁହାଯାଏ । ଏହି ଦିବସତ୍ରୟ ପୃଥିବୀମାତା ରଜସ୍ୱଳା ହେବାର ଦିନ । ତେଣୁ ଏହି ତିନିଦିନ ସକଳ ପ୍ରକାର କୃଷିକାର୍ଯ୍ୟ ଓ ଭୂଖନନ ବାରଣ କରାଯାଇଥାଏ ଏବଂ ଚତୁର୍ଥ ଦିନ ବସୁମତୀ ସ୍ନାନ ସହ ରଜପର୍ବ ଉଦ୍‌ଯାପନ କରାଯାଏ । ଏଠାରେ ରଜ ପୂର୍ବରୁ ପ୍ରତି ଓଡ଼ିଆଙ୍କ ଘରେ ଯେଉଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥାଏ; ସେ ଦିନଟିକୁ ସଜବାଜ କୁହାଯାଏ । ରଜ ତିନିଦିନ ସ୍ତ୍ରୀ ଲୋକମାନଙ୍କୁ କାଟିବା, କୁଟିବା, ବାଟିବା, ବୋହିବା ଭଳି ଅନେକ କାର୍ଯ୍ୟ ବାରଣ ଥିବାରୁ ସେମାନେ ତିନିଦିନର କାମ ସଜବାଜ ଦିନ ସାରି ସ୍ୱାଦିଷ୍ଟ ପିଠା ଓ ମିଠାର ପ୍ରସ୍ତୁତିରେ ଲାଗି ପଡ଼ିଥାନ୍ତି । ଏହାପରେ ରଜ ତିନିଦିନ ନାରୀମାନେ ସକଳ କାର୍ଯ୍ୟରୁ ନିବୃତ ରହିଥାନ୍ତି । ଏପରିକି ନାରୀମାନେ ଏହି ତିନିଦିନ ଭୂମି ଉପରେ ମଧ୍ୟ ଚାଲନ୍ତି ନାହିଁ ଏବଂ କୃଷକମାନେ ମଧ୍ୟ ଭୂମିକର୍ଷଣ, ବୀଜବପନ ଓ ଖନନ ଭଳି ଯାବତୀୟ କାର୍ଯ୍ୟରୁ ନିବୃତ ରହିଥାନ୍ତି । ଏହି ସମୟରେ ଗ୍ରୀଷ୍ମ ଋତୁର ଶେଷ ଓ ବର୍ଷାର ଆଗମନ ହେବା ସହ ପୃଥିବୀ ମାତା ରଜସ୍ୱଳା ହୋଇଥାଏ ଏବଂ ଏହି ସମୟରେ ପୃଥିବୀମାତାଙ୍କ ଠାରୁ କ୍ଷରଣ ରସ ପୃଥିବୀକୁ ଶସ୍ୟ ଶ୍ୟାମଳା କରିବାର ସାଂକେତିକ ଭାବକୁ ବହନ କରିଥାଏ । ରଜ ତିନିଦିନ ପରେ ଅର୍ଥାତ୍ ଚତୁର୍ଥ ଦିନ ବସୁମତୀ ସ୍ନାନ ସହ ପୂଜା କରାଯାଏ । ଏହା ରଜପର୍ବର ଅନ୍ତିମ ଦିବସ । ଯାହା ମହାଲକ୍ଷ୍ମୀ ସ୍ନାନ ବା ଗାଧୁଆ ଭାବେ ପ୍ରସିଦ୍ଧ । ଏହି ଦିନ ନାରୀମାନେ ଶିଳପୁଆକୁ ଭୂମି ଲକ୍ଷ୍ମୀ ସ୍ୱରୂପରେ ଚନ୍ଦନ, ସିନ୍ଦୂର, କୁଙ୍କୁମ, କଜ୍ଜଳ ଦେଇ ହଳଦୀ ପାଣିରେ ସ୍ନାନ କରାଇଥାନ୍ତି ଏବଂ ଧରଣୀମାତା ତିନିଦିନର ବିଶ୍ରାମ ପରେ ବିଶୁଦ୍ଧ ସ୍ନାନ କରି ସଂସାରବାସୀଙ୍କୁ ଆଶୀର୍ବାଦ କରିବା ସହ ସୃଜନ କ୍ଷମତା ଅର୍ଥ ଶସ୍ୟ ବୀଜ ଧାରଣ କରି ଧରଣୀକୁ ଶସ୍ୟଶ୍ୟାମଳ କରିବାର ସାମର୍ଥ୍ୟ ଲାଭ କରନ୍ତି ।

ଏ ପରିପ୍ରେକ୍ଷୀରେ କହିରଖେ; ରଜ ବେଳେ ନାରୀ ଓ ପୁରୁଷମାନେ ସକଳ କାର୍ଯ୍ୟରୁ ବିରତି ନେଇ ଆନନ୍ଦ ଉଲ୍ଲାସରେ ପାଳନ କରୁଥିବାରୁ ଏହା ରଜ ମଉଜ ନାମରେ ମଧ୍ୟ ବେଶ୍ ଖ୍ୟାତ୍ । ରଜରେ ବିଭିନ୍ନ ପିଠା ବିଶେଷ କରି ପୋଡ଼ପିଠା ଓ ପାନ ଖାଇବା ସହ ସ୍ତ୍ରୀ ଲୋକମାନେ ନାନାଦି ଗୀତ ବୋଲି ଦୋଳି ଖେଳିଥାନ୍ତି । ବିଶେଷ କରି କୁମାରୀ ଝିଅମାନଙ୍କ ନିତିଦିନିଆ ଘଟଣା ଓ କୁମାରୀମନର ଭାବାବେଗ ଏ ଦୋଳି ଗୀତରେ ଶୁଣିବାକୁ ମିଳିଥାଏ । ଏହାସହ ପୁଚି ଖେଳରେ ମଧ୍ୟ ସେମାନେ ସମୟ ଅତିବାହିତ କରିଥାନ୍ତି । ସ୍କୁଲ ବିଶେଷରେ ଯୁବକ ଓ କିଶୋରମାନେ ମଧ୍ୟ ଦୋଳି ଖେଳିବା ସହ ଡୁଡୁ ଓ ବାଗୁଡ଼ି ଖେଳରେ ମାତିଥାନ୍ତି । ବୟସ୍କମାନେ ପଶା, ତାସ ଆଦି ଖେଳ ଖେଳି ସମୟ ଅତିବାହିତ କରନ୍ତି । ଏପରି କରି ରଜସ୍ୱଳା ଧରଣୀ ମାତାକୁ ଆଶ୍ୱସ୍ତି ଦେବାର ପ୍ରୟାସ କରିଥାନ୍ତି । ଅହରହ ପଦାଘାତ ଓ ଖନନ କଷ୍ଟ ସହୁଥିବା ଧରଣୀମାତାକୁ ଆଶ୍ୱସ୍ତି ଦେବାକୁ କୃଷକ ଚାଷ କାର୍ଯ୍ୟରୁ ବିରତ ରହି ଏବଂ କୁମାରୀମାନେ ଭୂମିରେ ନ ଚାଲି; ଅଧିକାଂଶ ସମୟ ଦୋଳିରେ ଝୁଲି କୃତଜ୍ଞତା ତଥା ସମ୍ମାନ ପ୍ରଦର୍ଶନ କରିଥାନ୍ତି ।

ପରିଶେଷରେ କେବଳ ଏତିକି କହିବି ରଜପର୍ବ ହେଉଛି କୃଷିଭିତ୍ତିକ ଓଡ଼ିଶାର ସାଂସ୍କୃତିକ, ଆଧ୍ୟାତ୍ମିକ, ସାମାଜିକ ଓ ନୈତିକ ଅଭିବ୍ୟକ୍ତିର ଏକ ସାର୍ଥକ ପରିପ୍ରକାଶ ।

କଥା ସମ୍ରାଟ ଫକୀର ମୋହନ...

(ପୃଷ୍ଠା-୪ର ଅବଶିଷ୍ଟାଂଶ) ଏକ ଗ୍ରହଣ ଯୋଗ୍ୟ ଶୈଳୀମାଧ୍ୟମରେ ଜନସାଧାରଣଙ୍କ ଜନତାଙ୍କୁ ଚରିତ୍ର ଭାବରେ ଗ୍ରହଣ କରି ସଫଳ ରଚନାରେ ଫକୀର ମୋହନ ଜଣେ ସମର୍ଥ କଥାକାର । ତେଣୁ ତାଙ୍କର ସୃଷ୍ଟିଗୁଡିକ ବହୁଦିନ ଧରି ଲୋକମାନଙ୍କୁ ଆନନ୍ଦ ପ୍ରଦାନ କରିବା ସହିତ ସେମାନଙ୍କ ସାମାଜିକ ଜୀବନ ସମ୍ପର୍କରେ ସେମାନଙ୍କୁ ସଚେତନ କରାଇ ଦେଇଛନ୍ତି । ଫକୀର ମୋହନଙ୍କ ସୃଷ୍ଟିରେ ରହିଛି ହାସ୍ୟ, ବିଦ୍ରୂପ ଓ କରୁଣ । ଅନ୍ଧବିଶ୍ୱାସ ଓ କୁସଂସ୍କାର ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି କଥାକାର । ଓଡିଶାର ବିଭିନ୍ନ ସମୟର ସମାଜ ଜୀବନର ଜୀବନ୍ତ ଦୃଶ୍ୟ ଅତି ସୁନ୍ଦର ଭାବରେ ପ୍ରକାଶିତ ହୋଇଛି ତାଙ୍କର ରଚନାଗୁଡିକରେ । ଫକୀର ମୋହନ ଥିଲେ ଦୂରଦ୍ରଷ୍ଟା, ସେ ଥିଲେ କର୍ମବୀର;ଜୀବନ ତାଙ୍କର ଥିଲା ବହୁ ଅନୁଭୂତିରେ ପରିପୂର୍ଣ୍ଣ । ଜୀବନରେ ଅର୍ଜନ କରିଥିବା ବିପୁଳ ଅନୁଭୂତିକୁ ପାଥେୟ କରି ସେ ଜୀବନର ଶେଷ ପର୍ଯ୍ୟାୟର ବିଭିନ୍ନ ରଚନାରେ ହାତ ଦେଇଥିଲେ । ତେଣୁ ତାଙ୍କ ସୃଷ୍ଟିମାନଙ୍କରେ ଏକ ଚିନ୍ତାଶୀଳ ସ୍ରଷ୍ଟା ମାନସ ସହିତ ପରିଚୟ ଥିଲା । ଏଣୁ ତାଙ୍କ ରଚନାମାନଙ୍କରେ ଏକ ସାଧାରଣ ଜନତାଙ୍କର ଦୁଃଖଦୁର୍ଦ୍ଦଶା ପ୍ରତିଫଳିତ ହୋଇଛି । ସେମାନଙ୍କର ମନସ୍ତତ୍ତ୍ୱକୁ ସେ ଉତ୍ତମ ରୂପେ ହୃଦୟଙ୍ଗମ କରିଥିବାରୁ ତାଙ୍କର ଚରିତ୍ରମାନ ଏତେ ସ୍ପଷ୍ଟ ଓ ଜୀବନ୍ତ । ସେ ନିଜେ ସ୍ୱୀକାର କରିଛନ୍ତି, "ପ୍ରକୃତରେ ମୁଁ ସର୍ବଦା ପ୍ରଜା ସାଧାରଣଙ୍କ ପକ୍ଷପାତୀ । ସେହିମାନେ ଲୋକ ସମାଜର ମେରୁଦଣ୍ଡ । ସେମାନେ ଶୁଭାଶୁଭରେ ଦେଶରେ ଉନ୍ନତି ଓ ଅବନତି ନିର୍ଭର କରେ । ଆଉ ପ୍ରଜାଶକ୍ତି ରାଜଶକ୍ତିର ଚେର ସଦୃଶ । ଚେର ହିଁ ବୃକ୍ଷର ଜୀବନୋପାୟର ଏକମାତ୍ର ଅବଲମ୍ବନ ଓ ସହାୟ । ରାଜଶକ୍ତିର ଉପାସକମାନେ ପ୍ରଜାଶକ୍ତିକୁ ଉପେକ୍ଷା କରି ରାଜା ଓ ପ୍ରଜା ଉଭୟ ପକ୍ଷର ପରମଶତ୍ରୁ ହୁଅନ୍ତି ।" ବାସ୍ତବରେ ସେ କାଳରେ ସମାଜର ଦୂରଦୃଷ୍ଟି ସମ୍ପନ୍ନ କଥାଶିଳ୍ପୀ ଫକୀରମୋହନ ଏ କଥାକୁ କେବଳ ଉପଲବ୍ଧି କରିନାହାନ୍ତି ବରଂ ସେ ବିଶେଷ ଭାବରେ ଏ ସବୁ କଥାକୁ ତାଙ୍କ ସାହିତ୍ୟରେ ଜୀବନ୍ତ ଭାବରେ ଫୁଟାଇଛନ୍ତି । ତେଣୁ ତାଙ୍କର କୃତି ହେଉଛି ଗଣଧର୍ମୀ । ସମାଜର ଜନଗଣ ଥିଲେ ଫକୀରମୋହନଙ୍କ ଗଳ୍ପର ଚରିତ୍ର । ସେମାନଙ୍କର ସୁଖ ଦୁଃଖ ଓ ଭାବଭାବନା ଥିଲା ବିଷୟବସ୍ତୁ । ପରାଧୀନ ଓଡିଶାର ଅଗଣିତ ନରନାରୀଙ୍କ ସମସ୍ୟାର ସେଥିଲେ ଯଥାର୍ଥ ସ୍ୱର । ସମାଜର ସବୁ ଶ୍ରେଣୀର ଲୋକ ତାଙ୍କ ସାହିତ୍ୟରେ

ସମାଜସେବୀଙ୍କ ପରଲୋକ

ବାଲିଆପାଳ,୧୩/୦୬ (ନି.ପ୍ର): ବାଲିଆପାଳ ବ୍ଲକ ବଡାପାଳ ଗ୍ରାମର ବିଶିଷ୍ଟ ସମାଜସେବୀ ତଥା ଅବସରପ୍ରାପ୍ତ ଡାକ କର୍ମଚାରୀ ବୀରଭଦ୍ର ରଣାଙ୍କ ୯୮ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଥିଲେ । ଆଜି ସକାଳେ ତାଙ୍କର ଦେହାନ୍ତ ହୋଇଛି । ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ସ୍ଥାନୀୟ ସରପଂଚ ଶାନ୍ତୁନ ଭଦ୍ର,ସମିତି ସଦସ୍ୟ ପ୍ରତାପ ଚନ୍ଦ୍ର ଗିରି,ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ଦାସ,ସମାଜସେବୀ ସାଗର ପଟ୍ଟନାୟକ ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ ।

୨୪ ଘଂଟାରେ ସୁସ୍ଥ ହେଲେ ୭୭୩୩ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୧୩/୦୬ (ନି.ପ୍ର): ରାଜ୍ୟରେ ଆଜି କରୋନା ଭାଇରସ ମହାମାରୀରୁ ୭୭୩୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୭ ଲକ୍ଷ ୯୬ ହଜାର ୭୯୯ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ରବିବାର ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୨୦୩ ଜଣ ଓ କଟକ ଜିଲ୍ଲାରୁ ୮୦୮ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଢେଙ୍କାନାଳରୁ ୪୯୯, ବାଲେଶ୍ୱରରୁ ୩୯୩, ମୟୂରଭଂଜରୁ ୩୯୦, ଯାଜପୁରରୁ ୩୮୬, ଅନୁଗୁଳରୁ ୩୮୧ ଓ ପୁରୀରୁ ୩୫୩ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି । ଭଦ୍ରକ ଜିଲ୍ଲାରୁ ୨୭୮, ସୁନ୍ଦରଗଡ଼ରୁ ୨୬୫, ବୌଦ୍ଧ ଓ ରାୟଗଡ଼ାରୁ ୨୦୯ ଜଣ ଲେଖାଏଁ,ଜଗତସିଂହପୁରରୁ ୨୦୦ ଜଣ, ନବରଂଗପୁରରୁ ୧୯୬, କେନ୍ଦ୍ରାପଡ଼ା ଓ କୋରାପୁଟରୁ ୧୮୫ ଲେଖାଏଁ, ବରଗଡ଼ରୁ ୧୮୪, କେନ୍ଦୁଝରରୁ ୧୭୨, କଳାହାଣ୍ଡିରୁ ୧୬୬ ଓ ନୟାଗଡ଼ରୁ ୧୫୧ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି । ସେହିପରି ମାଲକାନଗିରିରୁ ୧୨୩, ସମ୍ବଲପୁରରୁ ୧୦୭, ଗଂଜାମରୁ ୯୨, ବଲାଙ୍ଗୀରରୁ ୮୧, ଝାରସୁଗୁଡ଼ାରୁ ୮୦, ସୁବର୍ଣ୍ଣପୁରରୁ ୬୩, ଦେବଗଡ଼ରୁ ୬୨, କନ୍ଧମାଳରୁ ୪୯, ଗଜପତିରୁ ୪୪, ନୂଆପଡ଼ାରୁ ୩୧ ଓ ରାଜ୍ୟପୁଲରୁ ୧୮୮ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି ।

ପ୍ରିୟବାଗ-ଆଡିନଗା ରାସ୍ତା ମରଣଯନ୍ତା

ଜଳେଶ୍ୱର,୧୩/୬(ନି.ପ୍ର): ସରକାର ବିକାଶର ଡିଣ୍ଡିମ ପିଟୁଥିବା ବେଳେ ପ୍ରକୃତରେ ଗାଁର ବିକାଶ ଅଦ୍ୟାବଧି ହୋଇନାହିଁ । ସ୍ୱାଧିନତାର ୭୪ ବର୍ଷ ପରେ ମଧ୍ୟ ଓଡିଶାର ଗ୍ରାମରଞ୍ଚର ବିକାଶ ହୋଇ ନାହିଁ । ଏପରି ଏକ ଗାଁ ରହିଛି ଯେଉଁଠାରେ ବର୍ଷ ଦିନ ଆସିଲେ ଗ୍ରାମର ଲୋକେ ପ୍ରମାଦ ଗଣନ୍ତି । ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ଉପାନ୍ତ ନେତୁଆ ପଂଚାୟତର ପ୍ରିୟବାଗ-ଆଡିନଗା ରାସ୍ତା ଏବେ ମରଣ ଯନ୍ତାରେ ପରିଣତ ହୋଇଛି । ବର୍ଷାଦିନ ନ ଆସୁଣୁ ଗ୍ରାମର ମୁଖ୍ୟ ରାସ୍ତା କାଦୁଅ ପଚପଚ । ଏହା ପଶ୍ଚିମବଂଗକୁ ସଂଯୋଗ କରୁଥିଲେ ମଧ୍ୟ ତାହା ସବୁଦିନିଆ ରାସ୍ତାରେ ପରିଣତ ହୋଇ ପାରୁନାହିଁ । ରାଜନୈତିକି ଇଚ୍ଛାଶକ୍ତିର ଅଭାବରେ ଏହି ଗାଁ ଅବସ୍ଥା ସୁଧୁରିନାହିଁ । ସେହିପରି ଉକ୍ତ ପଂଚାୟତର ଶାହାପୁର-ଆଡିନଗା ରାସ୍ତାର ଅବସ୍ଥା ଅନୁରୂପ । ପ୍ରାୟ ୭୦୦ ଲୋକ ନିର୍ଭର କରୁଥିବା ଏହି ରାସ୍ତାର ଅବସ୍ଥା ଅବର୍ଣ୍ଣନୀୟ । ହେଲେ ପଂଚାୟତର ଅନ୍ୟ ରାସ୍ତା ଯଥା ନେତୁଆ ସ୍କୁଲ ନିକଟ, ପୂର୍ବତନ ସରପଂଚ ଘରଠାରୁ ଶନି ମନ୍ଦିର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତାରେ ପେଚି ବିନାଫଳରେ ଚାଲିଛି । ଏ ସମ୍ପର୍କରେ ସରପଂଚ ମମତା ହୁଇଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଏଡାଇ ଯାଇଥିଲେ । ତେଣୁ ଯଥାଶୀଘ୍ର ଉକ୍ତରାସ୍ତାକୁ ମରାମତି କରୁବାକୁ ପଂଚାୟତର ବହୁ ଲୋକ ଦାବୀ କରିଛନ୍ତି ।

୧୬୫ ଆକ୍ରାନ୍ତ ଚିହ୍ନଟ, ଆଉ ୩ ମୃତ

ଭଦ୍ରକ,୧୩/୦୬ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ଆଉ ୧୬୫ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୨୪ ଘଣ୍ଟାରେ ଆଉ ୩ ଜଣଙ୍କ ମୃତ୍ୟୁ ହୋଇଛି। ଜିଲ୍ଲାରୁ ମୋଟ ୪ ଲକ୍ଷ ୨୬ହଜାର ୪୭୧ ନମୁନା ପରୀକ୍ଷା ପରେ ମୋଟ ୧୯ ହଜାର ୭୦୫ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୨୪ ଘଣ୍ଟାରେ ଆଉ ୪୧୩ ଆକ୍ରାନ୍ତ ସୁସ୍ଥ ହେବା ପରେ ମୋଟ ସୁସ୍ଥଙ୍କ ସଂଖ୍ୟା ହୋଇଛି ୧୭ ହଜାର ୧୨୩ ଜଣ। ଏବେ ସକ୍ରିୟ ଆକ୍ରାନ୍ତ ୨୫୪୨ ଥିବା ବେଳେ ମୃତ୍ୟୁ ସଂଖ୍ୟାରେ ଆଉ ୩ ବୃଦ୍ଧି ପାଇ ମୋଟ ମୃତକ ହୋଇଛନ୍ତି ୪୦ । ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଭଦ୍ରକ ପୌରପାଳିକାର ନୂଆବଜାରରୁ ଜଣେ, ବରାଳପୋଖରୀରୁ ୩ଜଣ, ଅପର୍ତ୍ତିବିନ୍ଧାରୁ ୨ଜଣ, କୁଆଁସରୁ ଜଣେ, ଚରମ୍ପାରୁ ୩ଜଣ, ବାଗୁରାଇରୁ ଜଣେ, ବାସୁଦେବପୁର ବ୍ଲକର ଅଜୁଆଁ ଗ୍ରାମରୁ ଜଣେ, ଅରଣ୍ଡୁଆରୁ ଜଣେ, ବିଦେଇପୁରରୁ ଜଣେ, ଇରମରୁ ଜଣେ, କୁମାରପୁରରୁ ଜଣେ, ସୁଗୋ ଗ୍ରାମରୁ ଜଣେ, ଜଗନ୍ନାଥପୁର ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି। ସେହିପରି ବନ୍ତ ବ୍ଲକର ଚାରିଗାଁ ଗ୍ରାମରୁ ଜଣେ, ବୋଡକ ପାଟଣା ଗ୍ରାମରୁ ୧୦ ଜଣ ଚିହ୍ନଟ ହୋଇଛନ୍ତି, ଚାନ୍ଦବାଲି ଏନ୍‌ଏସିରୁ ୱାର୍ଡ ନଂ ୮ରୁ ଜଣେ, ୱାର୍ଡ ନଂ ୪ରୁ ୩ଜଣ ଚିହ୍ନଟ, ଭଦ୍ରକ ବ୍ଲକର ଆମ୍ବରୋଳିରୁ ଜଣେ, ଅର୍ଣ୍ଣପାଳରୁ ୪ଜଣ, ବନ୍ଧଗାଁରୁ ଜଣେ, ବାଣିତିଆରୁ ଜଣେ, ବେତରାରୁ ଜଣେ, ନଳାଙ୍ଗରୁ ୫ଜଣ, କେଦାରପୁରରୁ ଜଣେ, କଲେଇରୁ ଜଣେ, କୋଡବରୁଁଆରୁ ଜଣେ, ଖଣ୍ଡତଡା ଗ୍ରାମରୁ ଜଣେ, ଗୋବିନ୍ଦପୁରରୁ ୪ଜଣ ଚିହ୍ନଟ ହୋଇଛନ୍ତି। ଚାନ୍ଦବାଲି ବ୍ଲକର ଓସ୍ତିଆରୁ ଜଣେ, ବାଂଶଡାରୁ ଜଣେ, ଭାଟପଡାରୁ ୨, ଭୁଇଁବୃତ୍ତିରୁ ଜଣେ, ଧାମରାରୁ ୧୫, ଜାଗୁଳାରୁ ୨, ଜଳେଶ୍ୱରପୁରରୁ ୨, କଇଥଖୋଲାରୁ ଜଣେ, କରଞ୍ଜମାଳରୁ ଜଣେ, ମାଧପୁରରୁ ଜଣେ, ମଡୋରୁ ଜଣେ, ନରେନ୍ଦ୍ରପୁରରୁ ଜଣେ, ନୂଆଗାଁରୁ ଜଣେ, ଓରାସାହିରୁ ୨ଜଣ, ନଳଗୋହିରାରୁ ୩ଜଣ, ତୋଟାପଡାରୁ ଜଣେ ଓ ତେନ୍ତୁଳିଡିହିରୁ ୨ଜଣ ଚିହ୍ନଟ ହୋଇଛନ୍ତି। ଚିହିଡ଼ି ବ୍ଲକର ଭାଟପଡାରୁ ଜଣେ, ଗୁଆମାଳରୁ ୨, ଗୋବିନ୍ଦପୁରରୁ ଜଣେ, ସୟାରୁ ଜଣେ, କାଁପଡାରୁ ଜଣେ ଓ ସିନ୍ଦୋଳରୁ ଜଣେ, ଧାମନଗର ବ୍ଲକର ବମକୁରାରୁ ଜଣେ, ଭଗବାନପୁରରୁ ଜଣେ, ଦୋବଲରୁ ୨ଜଣ, ରଇପୁରରୁ ୮, ଫତେପୁରରୁ ଜଣେ ଚିହ୍ନଟ ହୋଇଛନ୍ତି। ଭଣ୍ଡାରିପୋଖରୀ ବ୍ଲକର ବାଲିପୋଖରୀରୁ ୫ଜଣ, ନାଆମୀରୁ ୨ଜଣ, ଜଳମଣ୍ଡୁଆରୁ ୩୨ଜଣ, ନେରଡାରୁ ଜଣେ, ବୟାଁବନାପୁରରୁ ଜଣେ, ଅନ୍ୟ ଜିଲ୍ଲା ଭାବେ ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକରୁ ଜଣେ ଓ କେନ୍ଦ୍ରପଡା ଜିଲ୍ଲା ରାଜକନିକାରୁ ଜଣେ ଚିହ୍ନଟ ହୋଇଛନ୍ତି।

ସେବା ହିଁ ସଂଗଠନ କାର୍ଯ୍ୟକ୍ରମରେ ବିଜେପିର ରକ୍ତଦାନ ଶିବିର

ବାଲେଶ୍ୱର,୧୩/୦୬ (ନି.ପ୍ର): କେନ୍ଦ୍ର ସରକାରଙ୍କ ଦ୍ୱିତୀୟ ପାଳିର ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ବିଜେପି ପକ୍ଷରୁ ସମଗ୍ର ଦେଶରେ ସେବାମୂଳକ କାର୍ଯ୍ୟ 'ସେବା ହିଁ ସଂଗଠନ' ଜାରି ରହିଥିବା ବେଳେ ବାଲେଶ୍ୱରରେ ବି ଅନୁରୂପ ପ୍ରତିଫଳନ ଲକ୍ଷ୍ୟ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଜେପି ଯୁବମୋର୍ଚ୍ଚା ନଗର କମିଟି ପକ୍ଷରୁ ଏକ ରକ୍ତଦାନ ଶିବିର ଜିଲା ରକ୍ତଭଣ୍ଡାର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର ଏହାକୁ ଉଦଘାଟନ କରିବା ସହିତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ରକ୍ତଦାନ କ୍ଷେତ୍ରରେ କରୋନା ଟିକାନେଇଥିବା ବ୍ୟକ୍ତିଙ୍କୁ ବାରଣ କରାଯାଇଥିବା ବେଳେ ସମ୍ପ୍ରତି ପରିଲକ୍ଷିତ ରକ୍ତର ଅଭାବ ଦୂର କରିବାରେ ଯୁବମୋର୍ଚ୍ଚାର ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି ସେ କହିଥିଲେ। ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ବିଜେପି ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର. ଜିଲା ସାଧାରଣ ସମ୍ପାଦିକା ପର୍ଶୁରାମ ପରିଡ଼ା, ଜିଲା ସମ୍ପାଦକ ଆଶିଷ ଘୋଷ ଓ ବିଭୁପଦ ଦାସ, ଯୁବମୋର୍ଚ୍ଚା ଜିଲା ସଭାପତି ରାଜେଶ ମହାପାତ୍ର, ବିଜେପି ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଏଥିରେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କେବଳ ରକ୍ତଦାନ ନୁହେଁ ଆଗାମୀ ଦିନରେ ସେବ ହିଁ ସଂଗଠନ ଜରିଆରେ ଆଗାମୀ ଦିନରେ ବିଭିନ୍ନ ପ୍ରକାର ସମାଜସେବା ମୂଳକ କାର୍ଯ୍ୟ ଜାରି ରହିବ ବୋଲି ବିଜେପି ପକ୍ଷରୁ ସୂଚନା ଦିଆଯାଇଛି।

ଅଜଣା ଗାଡି ଧକ୍କାରେ ଯୁବକ ମୃତ

ଜଳେଶ୍ୱର,୧୩/୬ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ସହର ମଧ୍ୟରେ ପୁରୁଣା ପରିତ୍ୟକ୍ତ ଟାଉନହଲ ନିକଟରେ ରହୁଥିବା ମଡିଆ ଦାସ ସଡକ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଛି । ଆଜି ଭୋର ସମୟରେ ଷ୍ଟେସନବଜାର ସ୍ଥିତ ରାଧାମେଡିକାଲ ସମ୍ମୁଖରେ ଏକ ଅଜାଣ ଗାଡି ଧକ୍କାରେ ପ୍ରାଣ ହରାଇଛି । ତାର ପ୍ରକୃତ ଘର ରାଜପୁର ଗ୍ରାମର ହୋଇଥିବା ବେଳେ କୌଣସି କାରଣରୁ ନିଜଘର ଛାଡି ଡାଉନଘଲ ପଡିଆରେ ରହିଆସୁଥାଏ । ସେ ଅଧିକାଂଶ ସମୟରେ ନିଶା ସେବନ କରୁଥିବା ବେଳେ ରିକ୍ସା ଚଳାଇ ପେଟ ପୋଷୁଥାଏ । ହେଲେ ଭୋର ସମୟରେ କେଉଁ ନିଶା ଦ୍ରବ୍ୟ ସେବନ କଲା ଏ ନେଇ ସାଧାରଣରେ ଚର୍ଚ୍ଚ ଜୋର ଧରିଛି । ସରକାରୀ ମଦଦୋକାନକୁ ଛାଡିଦେଲେ ଚୋରାରେ ବହୁ ମଦଦୋକାନ ଭୋରରୁ ଖୋଲି ଖୁଲମଖୁଲା ବିକ୍ରି କରୁଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଏଥିଲାଗି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି । ତାକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।

ଦାରୁକ୍ଷେତ୍ରରେ ଦାରୁ ଦେବତା ଉନ୍ମୋଚିତ

ଭୁବନେଶ୍ୱର,୧୩/୦୬ (ନି.ପ୍ର): ଶ୍ରୀଜଗନାଥଙ୍କ ଦାରୁ ପ୍ରାପ୍ତି ସ୍ଥାନ ଦଧିମାଛ ଗାଡ଼ିଆର କାହାଣୀ ଓ ମହାପ୍ରଭୁ ଜଗନ୍ନାଥଙ୍କ ଲୀଳା ସମ୍ପର୍କିତ ଆଧ୍ୟାତ୍ମିକ ପୁସ୍ତକ ଦାରୁକ୍ଷେତ୍ରରେ ଦାରୁ ଦେବତା ଭର୍ଚୁଆଲ ମାଧ୍ୟମରେ ଉନ୍ମୋଚିତ ହୋଇଯାଇଛି। ଶ୍ରୀ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ମନ୍ଦିର ଉନ୍ନୟନ ସମିତି ପକ୍ଷରୁ ମାନସ ରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ପଦ୍ମଶ୍ରୀ ଡ଼ ଦେବୀ ପ୍ରସନ୍ନ ପଟ୍ଟନାୟକ, ଡ଼ା. ଧିରେନ୍ଦ୍ର କୁମାର ପଟ୍ଟନାୟକ, ଅନ୍ୟମାନଙ୍କ ମଧ୍ୟରେ ଡ଼ ଭାସ୍କର ଚନ୍ଦ୍ର ପଟ୍ଟନାୟକ, ସରସ୍ୱତୀ ପଟ୍ଟନାୟକ, ଅଜିତ କୁମାର ପଟ୍ଟନାୟକ, ପୁସ୍ତକର ମୁଖ୍ୟ ସମ୍ପାଦକ ଲୋକନାଥ ଦାଶ ପ୍ରମୁଖ ସାମିଲ ହୋଇଥିଲେ। ଏଥିରେ ବହୁ ମାନ୍ୟଗଣ ବ୍ୟକ୍ତି ସାମିଲ ହୋଇ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ୧୨ମାସର ପୂଜା ପର୍ବ ସମ୍ପର୍କରେ ଆଲୋଚନା କରିଥିଲେ।

ମୁମ୍ବାଇ : ୪୮ ଘଂଟା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି, ସମସ୍ତଙ୍କୁ ଘରେ ରହିବା ପାଇଁ ପରାମର୍ଶ

ମୁମ୍ବାଇ,୧୩/୦୬ (ନି.ପ୍ର): ମୁମ୍ବାଇରେ ରବିବାର ସକାଳ ଠାରୁ ବର୍ଷା କମି ଯାଇଛି କିନ୍ତୁ ଭାରତୀ ପାଣିପାଗ ବିଭାଗ ଦ୍ୱାରା ଆଗାମୀ ୪୮ ଘଂଟା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ମୁମ୍ବାଇ ଉପନଗରର ସଂରକ୍ଷକ ମନ୍ତ୍ରୀ ଆଦିତ୍ୟ ଠାକରେ କହିଛନ୍ତିଯେ, କେବଳ ଅତ୍ୟାବଶ୍ୟକ କାର୍ଯ୍ୟ ପାଇଁ ଲୋକମାନେ ଘରୁ ବାହାରକୁ ଯାଇପାରିବେ । ଭାରତୀୟ ପାଣିପାଗ ବିଭାଗର ଅଧିକାର ସୁଭାଙ୍ଗୀ ଭୁତେଙ୍କ କହିବା ଅନୁସାରେ ଜଳବାୟ ତାର ରଙ୍ଗ ବଦଳାଇଛି । ଆଗାମୀ ୪୮ ଘଂଟା ମଧ୍ୟରେ ମୁମ୍ବାଇ, ଥାନେ, ପାଲଘର ଇତ୍ୟାଦି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହ କାରଣରୁ ଏହି ଜିଲ୍ଲା ମାନଙ୍କରେ ଅରେଞ୍ଜ ଆଲଟି ଜାରି କରାଯାଇଛି। ଆସନ୍ତା ୪୮ ଘଂଟା ମଧ୍ୟରେ ରାୟଗଡ଼ ଏବଂ ସିନ୍ଧୁଦୁର୍ଗରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ତେଣୁ ଏହି ଦୁଇଟି ଜିଲ୍ଲାରେ ରେଡ଼୍ ଆଲଟ୍ ଘୋଷଣା କରାଯାଇଛି । ଆଦିତ୍ୟ ଠାକରେ ରବିବାର ଦିନ କହିଛନ୍ତି ଯେ, ବର୍ଷାର ମୁକାବିଲା କରିବା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି । ପ୍ରବଳ ବର୍ଷାରେ ମୁମ୍ବାଇରେ ନିଚା ଜାଗାରେ ଭର୍ତ୍ତି ହୋଇଥିବା ଜଳ ନିଷ୍କାସନ ହୋଇଛି । ଏହା ବ୍ୟତୀତ ପାଣିପାଗ ବିଭାଗର ଚେତାବନୀକୁ ନଜରକୁ ରଖି ପ୍ରଶାସନ ସତର୍କ ରହିଛି । ପାଣିପାଗ ବିଭାଗର ଚେତାବନୀ ପରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ଫୋର୍ସ (ଏନଡିଆରଏଫ) ଏବଂ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ଫୋର୍ସ ରାୟଗଡ଼ ଏବଂ ସିନ୍ଧୁଦୁର୍ଗ ଜିଲ୍ଲାରେ ନିୟୋଜିତ ହୋଇଛନ୍ତି । ମୁମ୍ବାଇ ସମେତ ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କରେ ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ଚେତାବନୀ ଦିଆଯାଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

କେବେ ଗିରଫ ହେବ କରୋନା....

ମଧ୍ୟପ୍ରଦେଶ ଗ୍ୱାଲିୟରର ମହାଦେବ ମେଡିକାଲ୍ସ ଆଣ୍ଡ ସର୍ଜିକାଲକୁ ଯୋଗାଣ କରାଯାଇଛି । ବଳକା ଟାବଲେଟ ମଧ୍ୟରୁ ୪୦୦ ଟାବଲେଟକୁ ଟେଷ୍ଟ ପାଇଁ ପଠାଯାଇଥିବା ବେଳେ ୧୭ହଜାର ଟାବଲେଟକୁ ସିଜ୍ କରାଯାଇଛି । ଯେହେତୁ ବହୁ ପରିମାଣର ନକଲି ଫାଭିପିରାଭିର ଟାବଲେଟ ମଧ୍ୟପ୍ରଦେଶକୁ ଯୋଗାଣ ହୋଇଛି, ତେଣୁ ଏନେଇ ଉକ୍ତ ରାଜ୍ୟ ସରକାରଙ୍କୁ ମଧ୍ୟ ଜଣାଇ ଦିଆଯାଇଛି । ବଡ କଥା ହେଉଛି, ସ୍ୱାସ୍ଥ୍ୟ ବିଭାଗର ଏହି ତଥ୍ୟ ଗୋଟିଏ ଦିଗକୁ ଇଙ୍ଗିତ କରୁଛି ଯେ ରାଜ୍ୟରେ ନକଲି ଫାଭିପିରାଭିର୍ ମେଡିସିନର ଯୋଗାଣ ହୋଇନାହିଁ । ହେଲେ ଏହାପରେ ଥିବା ତଥ୍ୟ କିନ୍ତୁ ଚିନ୍ତାଜନକ । ହିମାଚଳର ସଂସ୍ଥା ଯିଏ ନକଲି ଫାଭିପିରାଭିର୍ ଟାବଲେଟ ତିଆରି କରିଥିଲା ସେଠାରୁ କଟକ କନିକା ଛକରେ ଥିବା ମେଡିଲଏଡ୍ ମେଡିକାମେଂଟ ପ୍ରାଇଭେଟ ଲିମିଟେଡ୍ ଆଉ ୯ ପ୍ରକାରର ଔଷଧ କିଣିଛି । ଏସବୁ ଔଷଧର ଗୁଣାତ୍ମକ ମାନ କେତେ ରହିଛି ତାର ଅନୁଧ୍ୟାନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ଉକ୍ତ ୯ ପ୍ରକାର ଔଷଧର ସାମ୍ପୁଲ ସଂଗ୍ରହ କରି ଟେଷ୍ଟ ପାଇଁ ପଠାଇବା ସହ ବଳକା ମେଡିସିନକୁ ସିଜ୍ କରିଦିଆଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୁଚନା ଦିଆଯାଇଛି । ଚିନ୍ତାର କଥା ହେଉଛି, ଏସବୁ ମଧ୍ୟରୁ କିଛି ଔଷଧକୁ ରାଜ୍ୟର କିଛି ଜିଲ୍ଲାକୁ ପଠାଇ ଦିଆଯାଇଛି । କେତେ ପରିମାଣର ଏହି ଔଷଧ ରହିଛି ସେନେଇ ସୁଚନା ନଥିବା ବେଳେ କେତେ ଲୋକ ଏହାକୁ ନେଇ ବ୍ୟବହାର କରିଛନ୍ତି, ତାର ବି ତଥ୍ୟ ମିଳିନାହିଁ । ତେବେ ୧୧ ତାରିଖରେ ବଲାଙ୍ଗୀର, ଝାରସୁଗୁଡା, ସମ୍ବଲପୁର, ରାଉରକେଲା, ଏବଂ ଭୁବନେଶ୍ୱରରେ ରେଡ୍ କରାଯାଇ କିଛି ଔଷଧ ସିଜ୍ କରାଯାଇଥିଲା । ଏବେ ମଧ୍ୟ ଚଢାଉ ଜାରି ରହିଥିବା ସୁଚନା ମିଳିଛି । ତଦନ୍ତ ସରିବା ପରେ ଆଇନ ଅନୁଯାୟୀ ପଦକ୍ଷେପ ନେବା ପାଇଁ ପ୍ରସ୍ତୁତି ହେଉଥିବା ଜଣାପଡିଛି ।

ଗୋଟିଏ ଦିନରେ ୪୪୬୯....

୮୫ ଜଣ, ଭଦ୍ରକରୁ ୧୬୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୫୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୯୦, କଟକରୁ ୪୧୩ ଜଣ, ଦେବଗଡ ଜିଲ୍ଲାରୁ ୨୩ ଜଣ, ଢେଙ୍କାନାଳ ଜିଲ୍ଲାରୁ ୨୫୨ ଜଣ, ଗଜପତି ଜିଲ୍ଲାରୁ ୨୬, ଗଞ୍ଜାମରୁ ୪୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୪୦ ଜଣ, ଯାଜପୁରରୁ ୩୭୦ ଜଣ, ଝାରସୁଗୁଡ଼ାରୁ ୨୭ ଜଣ, କଳାହାଣ୍ଡିରୁ ୯୨ ଜଣ, କନ୍ଧମାଳ ଜିଲ୍ଲାରୁ ୨୮ ଜଣ. କେନ୍ଦ୍ରାପଡ଼ାରୁ ୫୯ ଜଣ, କେନ୍ଦୁଝରରୁ ୯୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୬୧୨ ଜଣ, କୋରାପୁଟରୁ ୮୭ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୭୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୨୧୬ ଜଣ, ନବରଙ୍ଗପୁରରୁ ୧୧୮ ଜଣ, ନୟାଗଡ଼ରୁ ୧୨୮ ଜଣ, ନୂଆପଡ଼ାରୁ ୧୪ ଜଣ, ପୁରୀରୁ ୨୪୩ ଜଣ, ରାୟଗଡ଼ାରୁ ୧୩୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୬୧ ଜଣ, ସୋନପୁରରୁ ୬୦ ଜଣ, ସୁନ୍ଦରଗଡ଼ରୁ ୧୦୩ ଜଣ ଓ ଷ୍ଟେଟ୍ ପୁଲରୁ ୧୦୬ ଜଣ ଆକ୍

ବାଲେଶ୍ୱର ସୋମବାର, ୧୪ ଜୁନ୍, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

୫ ଯୋଡ଼ା ବିଶେଷ ଟ୍ରେନ ସମୟରେ ପରିବର୍ତ୍ତନ

ଭୁବନେଶ୍ୱର,୧୩/୦୬ (ନି.ପ୍ର): ଦକ୍ଷିଣ ରେଳ ପରିସୀମା ମଧ୍ୟରେ କିଛି ସ୍ୱତନ୍ତ୍ର ଟ୍ରେନର ସମୟ ସଂଶୋଧନ କରିବାକୁ ରେଳ ମନ୍ତ୍ରଣାଳୟ ନିଷ୍ପତି ନେଇଛି । ପୂର୍ବତଟ ରେଳପଥ ପରିସୀମା ମଧ୍ୟ ଦେଇ ଯାତାୟାତ କରୁଥିବା ଚାରି ଯୋଡ଼ା ବିଶେଷ ଟ୍ରେନ ଓ ପୁରୀରୁ ଛାଡୁଥିବା ଗୋଟିଏ ଟ୍ରେନ ସଂଶୋଧିତ ସମୟ ସାରଣୀରେ ରହଣି କରିବ ଓ ଛାଡିବ । ୦୮୪୯୬ ଭୁବନେଶ୍ୱର-ରାମେଶ୍ୱରମ୍ ସ୍ପେଶାଲ୍ ଭୁବନେଶ୍ୱରରୁ ୧୮ ଜୁନ୍ ଠାରୁ ଚେନ୍ନାଇ ଏଗମୋର ଷ୍ଟେସନ ଠାରେ ପୂର୍ବାହ୍ନ ୮ଘ.୧୫ମି.ରେ ପହଂଚିବ ଏବଂ ୮ଘ.୩୦ମି.ରେ ରାମେଶ୍ୱରମ୍ ଅଭିମୁଖେ ଯାତ୍ରା କରିବ । ୦୩୩୫୨ ଆଲେପି-ଧାନବାଦ୍ ସ୍ପେଶାଲ୍ ଆଲେପିରୁ ୧୬ ଜୁନ୍ ଠାରୁ ଏର୍ଣ୍ଣାକୁଲମ, ଆଲଓ୍ୱେ, ତ୍ରିଚୁର, ୱାଡାକାନଚେରି, ଅତାପଲମ ଏବଂ ପାଲକ୍କାଡ ଷ୍ଟେସନ ଠାରେ ସଂଶୋଧିତ ସମୟ ସାରଣୀ ଅନୁଯାୟୀ ଚଳାଚଳ କରିବ । ୦୨୬୬୬ କନ୍ୟାକୁମାରୀ-ହାଓଡ଼ା ସ୍ପେଶାଲ୍ କନ୍ୟାକୁମାରୀ ଠାରୁ ୧୯ ଜୁନ୍ ରୁ କନ୍ୟାକୁମାରୀ, ତିରୁନେଭେଲି, କୋଭିଲପାଟି, ସାତୁର ଏବଂ ବିରୁଦୁନଗର ଷ୍ଟେସନରେ ସଂଶୋଧିତ ସମୟ ସାରଣୀ ଅନୁଯାୟୀ ଚଳାଚଳ କରିବ । ୦୨୬୬୫ ହାଓଡ଼ା-କନ୍ୟାକୁମାରୀ ବିସସ ଟ୍ରେନ ହାଓଡ଼ାରୁ ୨୧ ଜୁନ୍ ଠାରୁ ତିରୁନେଭେଲି ଷ୍ଟେସନରେ ସଂଶୋଧିତ ସମୟ ସାରଣୀ ଅନୁଯାୟୀ ଚଳାଚଳ କରିବ । ସେହିପରି ୦୮୧୯୦ ଏର୍ଣ୍ଣାକୁଲମ-ଟାଟା ବିଶେଷ ଟ୍ରେନ ଏର୍ଣ୍ଣାକୁଲମ ଠାରୁ ୨୩ ଜୁନ୍ ଠାରୁ ଏର୍ଣ୍ଣାକୁଲମ, ଆଲୁଭା, ଥ୍ରୀସୁର, ପାଲକ୍କଡ, ପୋଡାନୁର, ତିରୁପୁର, ଏରୋଡ ଏବଂ ସାଲେମ ଷ୍ଟେସନରେ ସଂଶୋଧିତ ସମୟ ସାରଣୀ ଅନୁଯାୟୀ ଚଳାଚଳ କରିବ । ଉପରୋକ୍ତ ଟ୍ରେନ ଗୁଡିକ ପାଇଁ ଅନ୍ୟାନ୍ୟ ନିର୍ଦ୍ଧାରିତ ଷ୍ଟେସନରେ ସମୟ ସାରଣୀ ଅପରିବର୍ତିତ ରହିବ । ଯାତ୍ରୀମାନେ ଜାତୀୟ ଟ୍ରେନ୍ ଅନୁସନ୍ଧାନ ସିଷ୍ଟମ୍ ଅନୁସରଣ କରି ବିଭିନ୍ନ ଷ୍ଟେସନରେ ଟ୍ରେନ୍ ଆଗମନ ଓ ପ୍ରସ୍ଥାନ ସମ୍ବନ୍ଧରେ ସୂଚନା ପାଇଁ ପାରିବେ ।

ରାଜଧାନୀରେ ୨୪ ଘଂଟାରେ ୫୦୯ ପଜିଟିଭ୍, ୯୨୬ ସୁସ୍ଥ

ଭୁବନେଶ୍ୱର,୧୩/୦୬ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ରବିବାର ଆଉ ୫୦୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେଥିରୁ ୯୦ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୪୧୯ ଲୋକାଲ୍ କେସ୍ ରହିଛନ୍ତି । ଅପରପକ୍ଷରେ ୨୪ ଘଂଟାରେ ୯୨୬ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି । ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରାଯାଇଛି । ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ ୪୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଡୁମଡୁମାରୁ ୩୧ ଜଣ,ଖଣ୍ଡଗିରିରୁ ୨୭ ଜଣ, ଚନ୍ଦ୍ରଶେଖରପୁରରୁ ୧୯ ଜଣ ,ଲକ୍ଷ୍ମୀସାଗରରୁ ୧୬ ଜଣ,ସାମନ୍ତରାପୁରରୁ ୧୫ ଜଣ, ନୟାପଲ୍ଲୀରୁ ୧୩ ଜଣ, ରସୁଲଗଡରୁ ୧୨ ଜଣ, ସହୀଦନଗରରୁ ୧୧ ଜଣ, ପାତ୍ରପଡା, ୟୁନିଟ୍ ୬ , ୟୁନିଟ୍ ୯ ଓ ଶୈଳଶ୍ରୀବିହାରରୁ ୧୦ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି । ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮୪୧୧୮ କୁ ବୃଦ୍ଧି ପାଇଛି । ସେହିପରି ସୁସ୍ଥଙ୍କ ସଂଖ୍ୟା ୭୯୦୪୯ କୁ ବୃଦ୍ଧି ପାଇଛି । ଭୁବନେଶ୍ୱରରେ ଏବେ ୪୬୭୧ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୩୭୭ ରହିଛି ।

ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ବୈଠକ

ବାଲେଶ୍ୱର,୧୩/୦୬ (ନି.ପ୍ର): ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ସଭାପତି ମମତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ ମୋଡ଼ରେ ଅନୁଷ୍ଠିତ ହୋଇଯାଇଛି । ନିରଞ୍ଜନ ପରିଡ଼ା, ପ୍ରଭାକର ସାହୁ, ଡ. କେଶବ ଚରଣ ପଣ୍ଡା, ନିରଞ୍ଜନ ରାଉତ, ଡ. କ୍ଷିତିଶ୍ୱର ଦାଶ, ଅକ୍ଷୟ ତ୍ରିପାଠୀ, ସଚୀନ୍ଦ୍ର ଦାସ, ଗୌରାଙ୍ଗ ପାଣିଗ୍ରାହୀ, ସନ୍ୟାସୀ ବେହେରା ଓ ଜଗତାନନ୍ଦ ବିଶ୍ୱାଳ ପ୍ରମୁଖ କମିଟି ସଦସ୍ୟମାନେ ଏଥିରେ ଯୋଡ଼ି ହୋଇ ଜିଲାର ସ୍ୱାସ୍ଥ୍ୟ ସେବା ଓ କରୋନା ପରିଚାଳନା କ୍ଷେତ୍ରରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ସଂକ୍ରମଣଙ୍କ ସଂଖ୍ୟାହ୍ରାସ ପାଉଥିଲେ ମଧ୍ୟ ଆହୁରି ଅଧିକ ସତର୍କତା ଅବଲମ୍ବନର ଆବଶ୍ୟକତା ରହିଛି । ଏଥି ସହିତ କରୋନା ପରୀକ୍ଷଣ ବୃଦ୍ଧି କରିବା ଓ ଟିକାକରଣ ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନକୁ ଏହି ବୈଠକରେ

ଅନୁରୋଧ କରାଯାଇଛି । ଏଥି ସହିତ ମେଡିକାଲ କଲେଜ ମୁଖ୍ୟଫାଟକ ଓ ନିର୍ମାଣାଧିନ ହସପିଟାଲ ପ୍ରବେଶ ପଥ ନିର୍ମାଣ କାର୍ଯ୍ୟ ଉପରେ ଏହି ବୈଠକରେ ସମୀକ୍ଷା କରାଯାଇଥିଲା । ଜାତୀୟ ରାଜପଥକୁ ସଂଯୋଗ ରାସ୍ତା ନିର୍ମାଣ ପାଇଁ ଭୂମି ଅଧିଗ୍ରହଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ବୈଠକରେ ଦାବି କରାଯାଇଥିଲା । ବାଲେଶ୍ୱରରୁ ବିଦେଶରେ ଥିବା କେତେକ ବଦାନ୍ୟ ବ୍ୟକ୍ତି କରୋନା ମହାମାରୀକୁ ମୁକାବିଲା କରିବାପାଇଁ କ୍ରିୟାନୁଷ୍ଠାନ କମିଟି ଜରିଆରେ ପଠାଇଥିବା ଅର୍ଥର ସୁବିନିଯୋଗ ପାଇଁ ପ୍ରଶାସନ ଓ ସ୍ୱାସ୍ଥ୍ୟବିଭାଗ ଅଧିକାରୀଙ୍କ ପରାମର୍ଶ ଗ୍ରହଣ ନିଷ୍ପତ୍ତି ନିଆଯାଇଛି । ଆସନ୍ତା ସପ୍ତାହରେ ଏଥିପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ସିଦ୍ଧାନ୍ତ ନିଆଯାଇଛି । ଏହି ଅବସରରେ କମିଟିର ଉପଦେଷ୍ଟା ଦିବଂଗତ ଶିଳ୍ପପତି ହିମାଂଶୁ ଦାସ ଓ ଆଜୀବନ ସଭ୍ୟ ରୋଟାରିୟାନ ପରେଶ ଗାୟନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । କମିଟିର ସାଧାରଣ ସଂପାଦକ ପ୍ରଦୀପ ଦାସ ଏହି ବୈଠକରେ ବିବରଣୀ ଉପସ୍ଥାପନ କରିଥିବା ବେଳେ କୋଷାଧକ୍ଷ ପ୍ରଫୁଲ କୁମାର ଦାସ ଆୟବ୍ୟୟର ହିସାବ ରଖିଥିଲେ । ମାୟାଧର ନାୟକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ଦିନକରେ ଚିହ୍ନଟ ୩୧୮ ନୂଆ ସଂକ୍ରମିତ ଓ ସୁସ୍ଥ ହେଲେ ୩୯୩

ବାଲେଶ୍ୱର,୧୩/୦୬ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୩୧୮ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ବାଲେଶ୍ୱର ସହରର ଅଙ୍ଗାରଗଡ଼ିଆରୁ ୪ଜଣ, ମୋତିଗଞ୍ଜରୁ ୩, ସୁନହଟରୁ ୩, ଆଜିମାବାଦରୁ ୩, ଅରଡ଼ବଜାରରୁ ୨, ରାଣୀପାଟଣାରୁ ୨, ଗୋପାଳଗାଁରୁ ୨ ଓ ମାନସିଂବଜାରରୁ ୨ଜଣଙ୍କ ସମେତ ଆକତପୁର, ବାରବାଟୀ, ମାଣିଖମ୍ବ, ପୁଲିସଲାଇନ, ପୁରୁଣା ବାଲେଶ୍ୱର, ପିଡବ୍ଲ୍ୟୁଡି କଲୋନି, ବାଲୁବଜାର, ତେଲେଙ୍ଗାସାହି ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ଅଛନ୍ତି । ସେହିଭଳି ବାହାନଗା ବ୍ଲକରୁ ୭ଜଣ, ବାଲିଆପାଳରୁ ୪୬, ବସ୍ତାରୁ ୧୭, ଜଳେଶ୍ୱରରୁ ୧୧, ଖଇରାରୁ ୧୮, ନୀଳଗିରିରୁ ୩୯, ଔପଦାରୁ ୫, ରେମୁଣାରୁ ୩୮, ସଦରରୁ ୪୫ଜଣ ଓ ସୋରରୁ ୭୧ଜଣ ବ୍ୟକ୍ତି ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ତେବେ ସମସ୍ତ ନୂଆ ସଂକ୍ରମିତ ପୂର୍ବ ଆକ୍ରାନ୍ତରେ ସଂସ୍ପର୍ଶରେ ଆସିଥିବା କୁହାଯାଇଛି । ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୨୮,୯୫୩ରେ ପହଞ୍ଚିଥିବା ବେଳେ ଆଜି ଦିନକରେ ୩୯୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏବେ ସୁଦ୍ଧା ଜିଲାରେ ୨୫,୫୪୦ ଜଣ ସୁସ୍ଥ ମଧ୍ୟ ହୋଇଛନ୍ତି । ଏବେ ସୁଦ୍ଧା ସକ୍ରିୟ ଥିବା ୩,୨୯୨ ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୩୧୦୫ଜଣ ଗୃହ ସଙ୍ଗରୋଧରେ ଏବଂ ୧୮୭ଜଣ ଦୁଇଗୋଟି କୋଭିଡ ଡାକ୍ତରଖାନା ଓ ୩ ଗୋଟି କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି । ଗତ୨୪ ଘଣ୍ଟା ମଧ୍ୟରେ କରୋନା ସଂକ୍ରମିତ ୩୫ ଓ ୩୭ ବର୍ଷର ଦୁଇ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଜିଲାରେ ଅଦ୍ୟାବଧି ଜିଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୨୩ରେ ପହଞ୍ଚିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି ।

ଲାୟନ୍ସ କ୍ଲବ ପକ୍ଷରୁ ବାତ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ

ବାଲିଆପାଳ,୧୩/୦୬ (ନି.ପ୍ର): ସାମୁଦ୍ରିକ ବାତ୍ୟା ୟସ ପ୍ରଭାବରେ ବାଲିଆପାଳ ବ୍ଲକର କଙ୍କଡାପାଳ, ଚଉମୁଖ, ଡଗରା, ଯୁଗଡିହା ଚାଉଳତି ପ୍ରଭୃତି ଗ୍ରାମରେ ଲୁଣି ଜୁଆର ମାଡିଯାଇ ବ୍ୟାପକ କ୍ଷତି ଘଟାଇଥିଲା । କ୍ଷତିଗ୍ରସ୍ତ ଗ୍ରାମ ମଧ୍ୟରୁ ଡଗରା ପଂଚାୟତର ଯୁଗଡିହା ଏବଂ ଜମ୍ବିରାଇ ପଂଚାୟତର ଚାଉଳତି ଗ୍ରାମ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା । ଏହି ଦୁଇ କ୍ଷତିଗ୍ରସ୍ତ ଗ୍ରାମକୁ ରବିବାର ବାଲିଆପାଳ ଲାୟନ୍ସ କ୍ଲବ ପକ୍ଷରୁ ରିଲିଫ ସାମଗ୍ରୀ ବଂଟନ କରାଯାଇଛି । ଚାଉଳତି ଗ୍ରାମର କ୍ଷତିଗ୍ରସ୍ତ ସମସ୍ତ ୯୮ଟି ପରିବାର ଏବଂ ଯୁଗଡିହା ଗ୍ରାମର ୧୦୨ ପରିବାରକୁ ଲାୟନ୍ସ କ୍ଲବ ଆର୍ନ୍ତଜାତୀୟ ସହାୟତାରେ ବାଲିଆପାଳ ଲାୟନ୍ସ କ୍ଲବ ସହ ଯୋଗରେ ଚାଉଳତି ଗ୍ରାମର ରହିଥିବା ବହୁ ମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଓ ଯୁଗଡିହା ଗ୍ରାମ ନିକଟରେ ଥିବା ଆୟରୁଆ ହାଟ ନିକଟରେ ସମସ୍ତଙ୍କୁ ରିଲିଫ ସାମଗ୍ରୀ ବଂଟନ କରିଛନ୍ତି । ରିଲିଫ ସାମଗ୍ରୀରେ ଶାଢୀ,ଲୁଙ୍ଗି, ଚାଉଳ ଡାଲି, ଅଟା, ଚୁଡା, ତେଲ ସମେତ ନିତ୍ୟାବ୍ୟବହାର୍ଯ୍ୟ ଜିନିଷ ବିପନ୍ନ ଲୋକମାନଙ୍କୁ ପ୍ରଦାନ କରାଯାଇଥିଲା । ବାଲିଆପାଳ ଲାୟନ୍ସ କ୍ଲବ ସଭାପତି ନବୀନ କୁମାର ପାତ୍ର, ସଂପାଦକ ତରୁଣ କୁମାର ମହାପାତ୍ର, ସଦସ୍ୟ ଅନାଦି ଚରଣ ଗିରି, ଗୋବିନ୍ଦ ପ୍ରସାଦ ଦାସ, ସଂଜୟ କୁମାର ଜେନା, ଭୁବନମୋହନ ପିଳା, ଦାମୋଦର ଗିରି ଅନନ୍ତ କୁମାର ଜେନା,ବିନୋଦ କୁମାର ଜେନା, ଝାଡେଶ୍ୱର ପ୍ରଧାନ, ଅଜୟ କୁମାର ସାହୁ ପ୍ରମୁଖ ସାମିଲ ହୋଇ ବାତ୍ୟା କ୍ଷତିଗ୍ରସ୍ତ ଲୋକମାନଙ୍କୁ ରିଲିଫ ସାମଗ୍ରୀ ବଂଟନ କରିଥିଲେ ।

ଚୋରା ମୋରମ୍ ଚାଲାଣରେ ତହସିଲ ଅଧିକାରୀଙ୍କ ସଂପୃକ୍ତି : ବିଜେପି

ଜଳେଶ୍ୱର,୧୩/୬ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ରାଇବଣିଆ ଅଂଚଳରେ ସରକାରୀ ଓ ବେସରକାରୀ ଜାଗାରୁ ବିପୁଳ ପରିମାଣରେ ମୋରମ୍ ଚୋରା ଚାଲାଣ ପାଇଁ ଜଳେଶ୍ୱର ତହସିଲର ଜଣେ ପ୍ରଶାସନୀକ ଅଧିକାରୀଙ୍କ ହାତ ରହିଥିବା ଆଜି ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି । ଜଳେଶ୍ୱର ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ରାଇବଣିଆ ଥାନା ଅଧିକାରୀଙ୍କ ଅଡିଓ କ୍ଲିପ୍ ପ୍ରଦର୍ଶନ ସହିତ ଥାନା ଅଧିକାରୀ ଓ ତହସିଲଦାରଙ୍କ କଥାରେ ତାଳମେଳ ରହୁନଥିବାର ସେମାନେ ଅଭିଯୋଗ କରିଥିଲେ । ପ୍ରଶାସନୀକ ଅଧିକାରୀଙ୍କୁ ଘଣ୍ଟ ଘୋଡାଇବା ଲାଗି ପ୍ରଚେଷ୍ଟା କରାଯାଉଥିବାର କହିଛନ୍ତି । ଦୋଷୀଙ୍କୁ ଦଣ୍ଡବିଧାନ ନ କଲେ ଆସନ୍ତା ଦିନରେ ବିଜେପି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟହେବ ବୋଲି ସୂଚନା ଦେଇଥିଲେ । ଆଜିର ଏହି ସମ୍ମିଳନୀରେ ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ବିଜେପି ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ରାଇବଣିଆ ମଣ୍ଡଳ ସଭାପତି ମନୋଜ ସାସମଲ, ମିଡିଆ ସଂଯୋଜକ ସୁବ୍ରତ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ ।

କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୧ ଗିରଫ

ଭୁବନେଶ୍ୱର,୧୩/୦୬ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୧ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୩୭୪ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୮,୦୪,୯୫୦ ଟଙ୍କା । ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

ଅସୁସ୍ଥ ଜେଲ ଫେରନ୍ତାଙ୍କୁ ଏକୁଟିଆ କରିଲେ ପରିବାର ଲୋକେ

ଦୁର୍ବଳ ଓ ରୋଗାଗ୍ରସ୍ତ ହୋଇ ସ୍କୁଲ ଦାଣ୍ଡରେ ପଡିଛନ୍ତି ଗଙ୍ଗାଧର

ବାରିପଦା,୧୩/୦୬ (ନି.ପ୍ର): ସମାଜ ଅନ୍ଧ ଏଠି । ମଣିଷ ଯେତେ ନିର୍ଭୁଲ ଓ ନିର୍ବିବାଦୀୟ ଥିଲେ ମଧ୍ୟ ଥରେ ଅବିଶ୍ୱାସ ଜନ୍ମ ହେଲେ ସାରା ସମାଜ କରିଦିଏ ପର । ଏପରିକି ନିଜ ଆତ୍ମୀୟ ସ୍ୱଜନ ଭାଇ ଭଉଣୀ ମଧ୍ୟ ଦୁରେଇ ଯାଆନ୍ତି । ସେହିଭଳି ଏକ ଦୁଃଖଦ, ଅଭାବନୀୟ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ତୋଟାପଡା ପଂଚାୟତର ବିଶ୍ୱନାଥପୁର ଗାଁର ଗଙ୍ଗାଧର ସିଂଙ୍କ କ୍ଷେତ୍ରରେ । ସୂଚନା ଯୋଗ୍ୟ ଗତ ଚାରିବର୍ଷ ତଳେ ଗଙ୍ଗାଧରଙ୍କ ଉପରେ ଲାଗିଥିଲା ଶାଶୁଙ୍କୁ ହତ୍ୟା କରିବାର କଳଙ୍କ । ତାପରେ ତାଙ୍କ ସୁଖ ସଂସାରରେ ଯେମିତି ଗ୍ରହଣ ଲାଗିଯାଇଥିଲା । ପର ପୁରୁଷର ହାତ ଧରି ପ୍ରଥମେ ସ୍ତ୍ରୀ କରିଦେଇଥିଲା ପର ଆଉ ପୋଲିସ ଶାଶୁଙ୍କ ହତ୍ୟାକାରୀ

ସନ୍ଦେହ କରି କରିଥିଲା କୋର୍ଟ ଚାଲାଣ । ତିନି ଭାଇ ଓ ଭଉଣୀ କରିଦେଇଥିଲେ ପର । ପରବର୍ତ୍ତୀ ସମୟରେ ପରିବାର ଲୋକେ କରିଦେଲେ ଏକୁଟିଆ । ଯଦିଓ ଗତ ମାର୍ଚ୍ଚ ମାସରେ କୋର୍ଟ ପ୍ରମାଣ ବିନା ତାଙ୍କୁ ବାଇଜତ ଖଲାସ କରିଥିଲା, କିନ୍ତୁ ସେତେବେଳେକୁ ଗଙ୍ଗାଧରଙ୍କ ଶରୀର ସାଥ ଦେଇନଥିଲା । ଅସୁସ୍ଥ ଅବସ୍ଥାରେ ଗଙ୍ଗାଧରଙ୍କୁ ମୟୂରଭଞ୍ଜ ଜିଲ୍ଲା ମଣ୍ଡଳ କାରାଗାର ଅଧିକାରୀ ଜେଲରୁ ଆଣି ଗାଁ ସ୍କୁଲ ଘର ବାରଣ୍ଡାରେ ଛାଡି ଦେଇଥିଲେ । ଆଇନ କାନୁନର ପାଠ ଦେଖେଇ ସ୍ଥାନୀୟ ୱାର୍ଡ ସଭ୍ୟା ଗୌରୀ ସିଂ ଓ ସରପଂଚ ପ୍ରମିଳା ଟୁଡୁଙ୍କ ଠାରୁ ଜେଲ ଅଧିକାରୀ ମାନେ ଅବଶ୍ୟକୀୟ କାଗଜ ପତ୍ରରେ ଦସ୍ତଖତ ମାରି ତାଙ୍କୁ ଛାଡି ଦଉଛୁ ବୋଲି କହି ସେଠାରୁ ପଳାଇଥିଲେ । ପରିତାପର ବିଷୟ, ଗଙ୍ଗାଧରଙ୍କ ଉପରେ ତାଙ୍କ ଶାଶୁଙ୍କ ଉପରେ ହତ୍ୟା ଅଭିଯୋଗ ଥିଲା ବେଳେ ତାଙ୍କ ପତ୍ନୀ ଆଉ ଜଣକୁ ବିବାହ କରି ସେଠୁ ପଳେଇଛନ୍ତି । ତାଙ୍କର ଏ ଅବସ୍ଥାରେ ତାଙ୍କ ଠାରୁ ପରିବାରରେ ଥିବା ତାଙ୍କ ଅନ୍ୟ ତିନି ଭାଇ ମଧ୍ୟ ଦୁରେଇ ଯାଇଛନ୍ତି । ତେବେ ଦୀର୍ଘ ଦୁଇ ମାସ ହେବ ଖାଲି ଗାଁ ଲୋକ ଯାହା ଦେଉଛନ୍ତି, ତାକୁ ଖାଇ ସ୍କୁଲ ପିଣ୍ଡାରେ ପଡିରହିଛନ୍ତି ଗଙ୍ଗାଧର । ଚିକିତ୍ସା ଅଭାବରୁ କୋରନା ମହାମାରୀ ସମୟରେ ତାଙ୍କର ଶରୀର ମଧ୍ୟ ଆହୁରି ଦୁର୍ବଳ ଓ ରୋଗାଗ୍ରସ୍ତ ହୋଇପଡିଛି । ଏଭଳି ଅବସ୍ଥାରେ ମାନବିକ ଦୃଷ୍ଟିରୁ ଜେଲ ଅଧିକାରୀ ଅନ୍ତତଃ ପକ୍ଷେ ଏଠାକୁ ନଆଣି ଯଦି କୌଣସି ସରକାରୀ ଡ଼ାକ୍ତରଖାନାରେ ଭର୍ତ୍ତି କରିଥାନ୍ତେ ତେବେ ହୁଏତ ଗଙ୍ଗାଧର ସୁସ୍ଥ ହୋଇ ଜୀବନ କାଟିଥାନ୍ତେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

ରାଜ୍ୟ ସାଙ୍ଗଠନିକ ସମ୍ପାଦକ ବବିଦାସଙ୍କ ତୁଫାନୀ ବାରିପଦା ଗସ୍ତ

ବାରିପଦା,୧୩/୦୬ (ନି.ପ୍ର): ଆଜି ମୟୂରଭଞ୍ଜ ଜିଲ୍ଲାକୁ ତୁଫାନୀ ଗସ୍ତ କରିଛନ୍ତି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଓ ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ । ବାଙ୍କୀଷୋଳ କିମ୍ବା କୋଭିଡ ହସ୍ପିଟାଲ ଗସ୍ତ କରି ରୋଗୀଙ୍କ ସମ୍ପର୍କୀୟଙ୍କୁ ପଚାରି ସମସ୍ୟା ବିଷୟରେ ଅବଗତ ହୋଇଥିଲେ । କୋଭିଡ ଆକ୍ରାନ୍ତଙ୍କୁ ଦେଖା କରିବାକୁ ଆସିଥିବା ସମ୍ପର୍କୀୟଙ୍କୁ ଶୁଖିଲା ଖାଦ୍ୟ ଓ ପାନୀୟ ଜଳ ବଂଟନ କରିଛନ୍ତି । ଏହା ସହିତ କୋଭିଡ ମହାମାରୀ ସମୟରେ କୋଭିଡ ହସ୍ପିଟାଲ ପରିସରରେ ଥିବା କୋଭିଡ ସହାୟତା କେନ୍ଦ୍ରରେ ସ୍ୱେଚ୍ଛାସେବୀ, ଓଡିଶା ମୋ ପରିବାର ଓ ସାଙ୍ଗଠନିକ କର୍ମକର୍ତ୍ତାଙ୍କ ଉତ୍ତମ କାର୍ଯ୍ୟକୁ ପ୍ରସଂଶା କରିବା ସହିତ ସ୍ୱେଚ୍ଛାସେବୀଙ୍କୁ ସାବାସି

ଦେଇଛନ୍ତି । ଏହା ସହିତ ବାରିପଦାର ଗଣେଶ ମଣ୍ଡପ ଠାରେ ବିଜେଡି କର୍ମକର୍ତ୍ତାଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାତ୍ୟା ପରବର୍ତ୍ତୀ ସମୟରେ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଛନ୍ତି । ବାତ୍ୟା ବିପତ୍ତି ସମୟରେ ଲୋକଙ୍କ ନିକଟରେ ଛିଡା ହେବାକୁ ଆହ୍ୱାନ ଦେଇଛନ୍ତି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଶ୍ରୀ ଦାସ । ୟାସ ବାତ୍ୟାରେ ଲୋକଙ୍କୁ ତୁରନ୍ତ ସହାୟତା ଓ ରକ୍ତଦାନ ଶିବିର ଅନୁଷ୍ଠିତ କରି ଲୋକଙ୍କ ନିକଟରେ ସରକାର ପହଂଚିଥିବା କଥା କହି କର୍ମୀମାନଙ୍କୁ ଉତ୍ସାହିତ କରିଛନ୍ତି । ଏହା ପରେ ଖୁଂଟା, ବଡ଼ସାହି ବ୍ଲକ ପରିଦର